## ସଂକ୍ଷେପରେ

### ସ୍ୱଚ୍ଛତା, ଡାକ ଟିକେଟ ପ୍ରଦର୍ଶନୀ ଉଦ୍‌ଘାଟିତ

**ରାଉରକେଲା ଅଫିସ,୫।୭:** ଆରଏସ୍‌ପିର ଆଇକନିକ୍ ସପ୍ତାହ ପାଳନର ଦ୍ୱିତୀୟ ଦିବସରେ କାରଖାନାର ବିଭିନ୍ନ ବିଭାଗ ପକ୍ଷରୁ ଇସ୍ପାତ ସହରାଞ୍ଚଳରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। କାରଖାନା ପରିସରରେ ଥିବା କଞ୍ଚାମାଲ, ପ୍ଲାଣ୍ଟ, ନୂତନ ପ୍ଲେଟ ମିଲ, ଷ୍ଟିଲ ମେଲଟିଂ ସପ୍-୨, ରିପାୟର ସପ୍, ମେକାନିକାଲ, ସିଲକନ୍ ଷ୍ଟିଲ, ଟ୍ରାଫିକ ଓ କଞ୍ଚାମାଲ ବିଭାଗରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ଟ୍ରାଫିକ ବିଭାଗର ସିଜିଏମ ଆର. ରାଜନ, ଆରଏମ୍‌ଏଚ୍‌ପି ବିଭାଗର ସିଜିଏମ୍ ଏସ୍.ଏସ୍ ରାୟଚୌଧୁରୀ, ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ୍ ପିନାକି ଚୌଧୁରୀ, ରବି ରଞ୍ଜନ, ଟି.ପି ଶିବଶଙ୍କର, ସି.ଆର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ପରିସରରେ ଏକ ଡାକ ଟିକେଟ ପଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏଥିରେ କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ମିକ ଓ ପ୍ରଶାସନିକ ବିଭାଗର ଜିଏମ୍ ବିରେନ୍ଦ୍ର କୁଲୁ, ଧୀରେନ୍ଦ୍ର ମିଶ୍ର, ସହର ସେବା ବିଭାଗର ମନୋଜ ଅଗ୍ରୱାଲ, ଲୋକ ସମ୍ପର୍କ ବିଭାଗର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଇସ୍ପାତ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ କଙ୍ଗାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ଏସ୍‌ଏମ୍‌ଏସ୍-୨ର ଏସ୍‌ଓଏସ୍‌ଟି ନିଶିଥ ରାୟଙ୍କ ଦ୍ୱାରା ଗତ ୨୦ ବର୍ଷ ମଧ୍ୟରେ ସଂଗୃହୀତ ତଥା ସଂରକ୍ଷିତ ପ୍ରାୟ ୨ ହଜାର ଷ୍ଟାମ୍ପ ୨୦୮ଟି ସିଟ୍‌ରେ ପ୍ରଦର୍ଶିତ ହୋଇଥିଲା।

### ଆହତଙ୍କ ଗୋଡ଼ରୁ ବାହାରିଲା ଗୁଳି

**ରାଉରକେଲା ଏନ୍‌କାଉଣ୍ଟର ଘଟଣା**

**ରାଉରକେଲା ଅଫିସ,୫।୭:** ଗତ ଜୁନ ୨୫ ତାରିଖରେ ରାଉରକେଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଣ୍ଡାସାହି ଛକରେ ପୋଲିସ ଏନ୍‌କାଉଣ୍ଟରରେ ବିଶ୍ୱଜିତ ସାହୁ ନାମକ ଜଣେ ଅଭିଯୁକ୍ତ ଗୁରୁତର ହୋଇପଡିଥିଲେ। ତାଙ୍କ ବାମ ଗୋଡରେ ଗୁଳି ବାଜିଥିବାରୁ ପୋଲିସ ତାଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଗତ ୨୮ ତାରିଖରେ ସମ୍ବଲପୁର ସ୍ଥିତ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଶ୍ୱଜିତ ପୋଲିସର କଡା ସୁରକ୍ଷାରେ ଚିକିତ୍ସିତ ହେଉଥିଲେ। ତେବେ ସୋମବାର ରାତି ସାଢ଼େ ୯ଟାରେ ତାଙ୍କ ବାମ ଗୋଡରୁ ଗୁଳି ବାହାରିଥିବା ଜଣାପଡିଛି। ବର୍ତ୍ତମାନ ବିଶ୍ୱଜିତ ବୁର୍ଲା ଡାକ୍ତରଖାନା ସର୍ଜରୀ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ଆସିଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଜେରା କରିବା କରିବା ପରେ କୋର୍ଟଚାଲାଣ କରିବ ବୋଲି ଚାନ୍ଦିପୋଷ ଥାନାଧିକାରୀ ତ୍ରିନାଥ ସେଠୀ ସୂଚନା ଦେଇଛନ୍ତି।

### ଚିତ୍ରଶିଳ୍ପୀଙ୍କ ପରଲୋକ

**ପଦ୍ମପୁର,୫।୭(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ଗ୍ରାମର ବିଶିଷ୍ଟ ଚିତ୍ରଶିଳ୍ପୀ ଫକୀର ପୃଷ୍ଟିଙ୍କର ପରଲୋକ ହୋଇଛି। ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ବରଗଡ ଯାଉଥିବା ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ଦୁଇ ପୁଅ ହିତେଶ ଓ ନିକାଶ। ବଡପୁଅ ଜଣେ ବାଦ୍ୟକଳାକାର ଭାବେ ପରିଚିତ। ଅଙ୍ଗ ନଦୀ କୂଳ ଶ୍ମଶାନରେ ଫକୀରଙ୍କ ଶେଷକୃତ୍ୟ ସମାପନ ହୋଇଥିଲା।

# ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରରେ ରାଗିଂ ଅଭିଯୋଗ

**ଦେବଗଡ଼,୫।୭(ଡି.ଏନ.ଏ)**

ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍) ପ୍ରଶିକ୍ଷଣ କେନ୍ଦ୍ରର ଜଣେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ରାଗିଂର ଶିକାର ହୋଇଥିବା ଛାତ୍ରୀ ଜଣକ ସୋମବାର ରାତିରେ ରାଗିଂ ସ୍କ୍ୱାଡ୍‌କୁ ଫୋନ କରିଥିବା ବେଳେ ମଙ୍ଗଳବାର ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ସମ୍ପୃକ୍ତ ଛାତ୍ରୀଙ୍କୁ ବୁଝାମଣା ପାଇଁ କର୍ତ୍ତୃପକ୍ଷ ବାଧ୍ୟ କରୁଥିବା ବେଳେ ଛାତ୍ରୀ ଜଣକ କିନ୍ତୁ କର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ (ସିଡିଏମ୍‌ଓ)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାଟି ପ୍ରଘଟ ହେବା ପରେ ଏହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଉକ୍ତ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ଏହି ତାଲିମ କେନ୍ଦ୍ରରେ ନାମ ଲେଖାଇବା ପରଠାରୁ ପ୍ରାୟ ୩ ମାସ ହେଲା ତଥାକଥିତ ରୁଲ୍ ନାମରେ ବରିଷ୍ଠ ଛାତ୍ରୀମାନେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। 'ଆମ ସିନିୟର ଆମକୁ ନିର୍ଯାତନା ଦେଉଥିଲେ, ଆମେ ବି ତୁମକୁ ଏମିତି କରିବୁ' କହି ରୁଲ୍ ମାନିବାକୁ ପଡିବ ବୋଲି ସେମାନେ ବାଧ୍ୟ କରୁଛନ୍ତି। କେତେକ ବରିଷ୍ଠ ଛାତ୍ରୀ ବିଭିନ୍ନ ସମୟରେ ମିଟିଂ କରି ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଛନ୍ତି। ନିର୍ଯାତନା ବିଷୟରେ ଅଭିଭାବକ କିମ୍ବା ତାଲିମ କେନ୍ଦ୍ରର ମ୍ୟାଡାମଙ୍କୁ ନ ଜଣାଇବାକୁ ମଧ୍ୟ ଧମକ ଦିଅନ୍ତି। ଏହି କ୍ରମରେ ସୋମବାର ମେସ୍‌ରେ ଉକ୍ତ ଛାତ୍ରୀଙ୍କୁ ଆଳୁ ମସଲା

**ଦେବଗଡ଼**

■ **ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି**

ମୁଢ଼ି ଖାଇବାକୁ ଦେଇଥିଲେ। ଏହାକୁ ସେ ବରିଷ୍ଠ ଛାତ୍ରୀଙ୍କ ସହ ମିଳିମିଶି ଖାଇଥିଲେ। ମାତ୍ର ବରିଷ୍ଠ ଛାତ୍ରୀମାନେ ତାଙ୍କୁ ଗାଳି କରିବା ସହ ନାନା ନିର୍ଯାତନା ଦେଇଥିଲେ। ସବୁବେଳେ ତାଙ୍କ ଉପରେ ଏଭଳି ଗାଳିଗୁଲଜ ଏବଂ ନିର୍ଯାତନା ହେଉଥିବାରୁ ସେ ମାନସିକ ଭାବେ ଭାଙ୍ଗି ପଡିବା ସହ ଏ ନେଇ ଏକାଧିକବାର ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ସେ ସୋମବାର ରାତିରେ ବାଧ୍ୟ ହୋଇ ଆଣ୍ଟି ରାଗିଂ ସ୍କ୍ୱାଡ୍‌କୁ ଫୋନ ଯୋଗେ ଅଭିଯୋଗ କରିଥିବା ଛାତ୍ରୀ ଜଣକ କହିଛନ୍ତି। ଏହାପରେ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ଧନଞ୍ଜୟ ମହାନ୍ତ ତାଲିମ କେନ୍ଦ୍ରକୁ ଯାଇ ସମ୍ପୃକ୍ତ ଛାତ୍ରୀଙ୍କୁ ବୁଝାଇବା ସହ ଆଗକୁ ଆଉ ସେମିତି କିଛି ହେବନି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ରାଗିଂ ଭୟ ରହୁଥିବାରୁ ସମ୍ପୃକ୍ତ ଛାତ୍ରୀ ଜଣକ ରାତ୍ରି ପ୍ରାୟ ୮ଟା ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡାକ୍ତର ସାଧନା ଦାଶଙ୍କୁ ଏ ନେଇ ଲିଖିତ ଅଭିଯୋଗ କରି ଆବଶ୍ୟକ ପଦକ୍ଷେପ ପାଇଁ ଗୁହାରି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡାକ୍ତର ଦାଶଙ୍କୁ ପଚାରିବାରୁ ରାଗିଂ ସମ୍ପର୍କରେ ସେ ଆଜି ହିଁ ଜାଣିଲେ। ଅଭିଯୋଗର ତଦନ୍ତ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ଫଟାଟାଙ୍ଗର ସେବାଶ୍ରମରେ ରହୁଥିବା ଛାତ୍ରୀମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମଙ୍ଗଳବାର ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

## ମା'ଙ୍କୁ ହତ୍ୟା ଉଦ୍ୟମ, ପୁଅ ଗିରଫ

**ଅତାବିରା,୫।୭(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅଧୀନ କାଦୋବାହାଲ ମଦଭାଟି ନିକଟ ଚମାରପଡ଼ାରେ ଏକ ଧାରୁଆ ଅସ୍ତ୍ରରେ ମା'ଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ପୁଅକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋବିନ୍ଦ ରୋହିଦାସ। ତାଙ୍କ ବିରୋଧରେ ଦଫା ୩୦୭, ୨୯୪, ୪୯୮(ଏ), ୨୨୩ରେ ଏକ ମାମଲା ରୁଜୁ ହୋଇଛି।

## ବୃକ୍ଷରୋପଣ ଲାଗି ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କ୍ଲବର ସଦସ୍ୟମାନେ।

**ବଡ଼ଗାଁ,୫।୭(ଡି.ଏନ.ଏ.)**

ସୁନ୍ଦରଗଡ ଜିଲାର ବଡ଼ଗାଁରୁ କିଞ୍ଜିରକେଲା ରାସ୍ତା ପାର୍ଶ୍ୱରେ ଥିବା ମୁର୍ଗାସି ଟୁଙ୍ଗୁରିଠାରେ ମଙ୍ଗଳବାର ବଡ଼ଗାଁର ଜୟହିନ୍ଦ କ୍ଲବ ଓ ଚେମଠାପଡା ଗ୍ରାମର ଆଜାଦ ହିନ୍ଦ କ୍ଲବର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ କ୍ଷମାନିଧି ଭୋଇ, ପ୍ରୋବେସନର ଡିଏସପି ବିଭୂତି ଭୂଷଣ ମହାପାତ୍ର, ଫରେଷ୍ଟର ତୃଷା ନାଏକ, ପ୍ରଜ୍ଞା ପରମିତା ସାମଲ, ଥାନା ଏଏସଆଇ ବିଜୟ କୁମାର କର, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ

**ଜୟ ହିନ୍ଦ୍ ଓ ଆଜାଦ ହିନ୍ଦ୍ କ୍ଲବ ପକ୍ଷରୁ ବନ ମହୋତ୍ସବ**

ଅତିଥିମାନେ ଗୋଟିଏ ଲେଖାଏ ବୃକ୍ଷ ଚାରା ରୋପଣ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ବୃକ୍ଷହାନି ଓ ଜଙ୍ଗଲ କ୍ଷୟ ଯୋଗୁ ଦେଖା ଦେଉଥିବା ସମସ୍ୟାଗୁଡିକ ଉପରେ ଆଲୋଚନା କରି ବୃକ୍ଷରୋପଣ ଲାଗି ଜନସଚେତନ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହାପରେ ଉଭୟ କ୍ଲବର ସଦସ୍ୟ ପିୟୁସ ସୋରେଙ୍ଗ, ଧରମ ସାମାଟ, ବସନ୍ତ ଗୌଡ, ସୁରଜ ସା, ଆକାଶ ପ୍ରଧାନ, ରକି ପ୍ରଧାନ, ରଞ୍ଜିତ ଗୌଡ, ସୌରଭ କମାର, ସଞ୍ଜୀବ ପ୍ରଧାନ, ଆଲୋକ ପଟ୍ଟନାୟକ, କେଶବ କର୍ଶେଲ ପ୍ରମୁଖ ଚାକୁଣ୍ଡା ବୀଜ ବପନ କରିଥିଲେ। ଜୟ ହିନ୍ଦ କ୍ଲବ ଓ ଆଜାଦ ହିନ୍ଦ କ୍ଲବ ସଦସ୍ୟମାନଙ୍କୁ ନେଇ ବୃକ୍ଷରୋପଣ ଓ ବୀଜ ବପନ ଅଭିଯାନର ନେତୃତ୍ୱ ନେଉଥିବା ଅବସରପ୍ରାପ୍ତ ଇଞ୍ଜିନିୟର ଅଜେକ ପ୍ରଧାନ ଙ୍କ ସହିତ ପରିବେଶ ପ୍ରେମୀ ଭୋଇପାଲି ଗାଁର ଲାଲମୋହନ ନାଏକ ଉପସ୍ଥିତ ରହି ମାର୍ଗ ଦର୍ଶନ ଦେଇଥିଲେ। ସୂଚନାଯୋଗ୍ୟ, ବଡ଼ଗାଁର ବିଭିନ୍ନ କାର୍ଯ୍ୟାଳୟ ପରିସର, ରାସ୍ତା ପାର୍ଶ୍ୱ ଟୁଙ୍ଗୁରି, ମହାବୀର ପର୍ବତ ଆଦି ସ୍ଥାନଗୁଡ଼ିକରେ ବୀଜ ବପନ ଓ ଚାରା ରୋପଣ କରାଯାଇ ଆସୁଛି। ପ୍ରଥମ ପର୍ଯ୍ୟାୟରେ ଟୁଙ୍ଗୁରିରେ ବୀଜ ବପନ କରାଯାଇଛି। ଭଲ ବର୍ଷା ହେଲେ ପର୍ଯ୍ୟାୟକ୍ରମେ ଚାରା ରୋପଣ କରାଯିବ।

## ନିର୍ମାଣାଧୀନ କମ୍ୟୁନିଟି କମ୍ପୋଷ୍ଟ ପିଟ୍ ଭାଙ୍ଗିଲେ ଦୁର୍ବୃତ୍ତ

**କୁତ୍ରା,୫।୭(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲତାଲଗା ଗ୍ରାମ ବିଠଲ ଟୁଙ୍ଗୁରିରେ ନିର୍ମାଣାଧୀନ କମ୍ୟୁନିଟି କମ୍ପୋଷ୍ଟ ପିଟ୍ ଏବଂ ଏଥିପାଇଁ ଥିବା ପ୍ରୋଜେକ୍ଟ ପିଲରକୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଜଣାପଡିଛି। କୁତ୍ରା ପଞ୍ଚାୟତ ସମିତି ପକ୍ଷରୁ ସମସ୍ତ ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ କମ୍ୟୁନିଟି କମ୍ପୋଷ୍ଟ ପିଟ୍ ନିର୍ମାଣ ହେଉଛି । ରଜାବସା ପଞ୍ଚାୟତର ଲତାଲଗା ଗ୍ରାମଠାରୁ କିଛି ଦୂରରେ ନିରୋଳା ସ୍ଥାନରେ ଥିବା ବିଠଲ ଟୁଙ୍ଗୁରିରେ ମଧ୍ୟ ୩ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପିଟ୍ ନିର୍ମାଣ ହେଉଛି। ବିଭିନ୍ନ ଗ୍ରାମରୁ ସଂଗୃହୀତ ଆବର୍ଜନା ,ପ୍ଲାଷ୍ଟିକ ନିର୍ମିତ ଆବର୍ଜନାକୁ ପଞ୍ଚାୟତ ସ୍ତରରେ କରାଯାଉଥିବା ପିଟ୍‌ଗୁଡିକରେ ନେଇ ରଖାଯିବା ସହ ପରେ ଏଠାରୁ ଆବର୍ଜନା ସବୁକୁ ରିସାଇକ୍ଲିନ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇ ନଷ୍ଟ କରିବା ଏହାର ଉଦ୍ଦେଶ୍ୟ। ଫଳରେ ଗ୍ରାମାଞ୍ଚଳଗୁଡିକ ମଧ୍ୟ ଆବର୍ଜନା ଏବଂ ପ୍ରଦୂଷଣ ମୁକ୍ତ ହୋଇପାରିବ। ତେବେ ମଙ୍ଗଳବାର ସକାଳେ ଗ୍ରାମବାସୀ କମ୍ପୋଷ୍ଟ ପିଟ୍‌କୁ ଭାଙ୍ଗି ଦିଆଯାଇଥିବା ଦେଖିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏପରି କାର୍ଯ୍ୟ କରିଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଦୁର୍ବୃତ୍ତଙ୍କ ଦ୍ୱାରା ଭାଙ୍ଗି ଦିଆଯାଇଥିବା କମ୍ପୋଷ୍ଟ ପିଟ୍।

## ୪୪୩ ଯୁବତୀ ଯୁବକଙ୍କୁ ମିଳିଛି ନିଯୁକ୍ତି

**ସୁନ୍ଦରଗଡ,୫।୭(ଡି.ଏନ.ଏ.)**

ସୁନ୍ଦରଗଡ ଜିଲାରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଚାଲିଥିବା ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୦-୨୦୨୧ରୁ ଅଦ୍ୟାବଧି ୭୮୫ ଜଣ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୪୪୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଚଳିତ ବିଧାନସଭା ଅଧିବେଶନରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତ୍ତର ରେ ବିଭାଗୀୟ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ,ରାଜ୍ୟର ଯୁବତୀଯୁବକଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ୨୦୧୧-୧୨ ମସିହା ଠାରୁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଖୋଲି ଏହି ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ପ୍ରଚଳନ କରିଛନ୍ତି। ଏତଦବ୍ୟତୀତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ ମାଧ୍ୟମରେ ମଧ୍ୟ ସୁନ୍ଦରଗଡ ଜିଲାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଗତ ୨୦୨୧-୨୨ ବର୍ଷଠାରୁ ଅଦ୍ୟାବଧି ୮୯୪ ଜଣ ଯୁବତୀ ଯୁବକ ପ୍ରଶିକ୍ଷଣ ପାଇଛନ୍ତି ।ଏଥିମଧ୍ୟରୁ ୮୦୩ ଜଣ ଯୁବତୀଯୁବକ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇଛନ୍ତି।

## କେନ୍ଦ୍ର ମତ୍ସ୍ୟ ମନ୍ତ୍ରଣାଳୟ ସଚିବଙ୍କ ୨ ଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତ

**ସୁନ୍ଦରଗଡ,୫।୭(ଡି.ଏନ.ଏ.)**

କେନ୍ଦ୍ର ମତ୍ସ୍ୟ ମନ୍ତ୍ରଣାଳୟର ସଚିବ ଯତୀନ୍ଦ୍ର ନାଥ ସ୍ୱାଇଁ ଦୁଇଦିନିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସି ମତ୍ସ୍ୟ ବିଭାଗ ଦ୍ୱାରା ସହାୟତା ପାଇଥିବା ହିତାଧିକାରୀଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହାଛଡା ସଚିବ ସ୍ୱାଇଁ ବଣାଇ ବ୍ଲକସ୍ଥିତ ବଲିତାକୁଦର ଗ୍ରାମରେ ଅନୁଗ୍ରହ ଓରାମଙ୍କ ଦ୍ୱାରା କରାଯାଇଥିବା ସମନ୍ୱିତ ମାଛ ଚାଷ ଦେଖିଥିଲେ। ଏଠାରେ ଆଙ୍ଗୁଳିକା ମାଛ ଜାଆଁଳ ଉତ୍ପାଦନ ଏବଂ ତହିଁରୁ ଉତ୍ପାଦନ ଲାଭାଂଶ ସମ୍ପର୍କରେ ସଚିବ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନୂଆପଲୀ ଗ୍ରାମର ସନାତନ ନାୟକ ଜୈବପୁଞ୍ଜି ମାଧ୍ୟମରେ ମାଛ ଚାଷ କରି କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେସମ୍ପର୍କରେ ସଚିବ



ସଚିବ ଯତୀନ୍ଦ୍ର ସ୍ୱାଇଁ ସୁନ୍ଦରଗଡ ଜିଲା ଗସ୍ତରେ ଆସି ମାଛଚାଷ ଦେଖୁଛନ୍ତି।

ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ମଧ୍ୟମ ଜୈବପୁଞ୍ଜି ମାଧ୍ୟମରେ ମାଛ ଚାଷ ପ୍ରତି ଆକୃଷ୍ଟ ହୋଇଥିବା ଉଦ୍ୟୋଗୀ ବିଜୟ କୁମାର ଦାସଙ୍କ ସହ ଚିଙ୍ଗୁଡ଼ି ଚାଷ ସମ୍ପର୍କରେ ଆଲୋଚନା କରି ଉତ୍ପାଦିତ ଚିଙ୍ଗୁଡ଼ିର ବଜାର,ବିକ୍ରୟ ସମ୍ବନ୍ଧରେ ପଚାରି ବୁଝିଥିଲେ। ଏତଦବ୍ୟତୀତ କୁତ୍ରା ବ୍ଲକ ଅନ୍ତର୍ଗତ ଜଉରା ମୁଣ୍ଡା ଗ୍ରାମର ବାସନ୍ତୀ ଟେଟେ ଓ ତାଙ୍କ ପୁଅ ମୋଜେସ ଟେଟେଙ୍କ ସହ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ନୂତନ ପୋଖରୀ ଖୋଳା ଓ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ସହୟତାରେ ବଡଗାଁ ବ୍ଲକର ଶିବାନୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛଚାଷ କରି କିଭଳି ଲାଭବାନ ହୋଇଛନ୍ତି ପଚାରି ବୁଝିଥିଲେ। ଏହା ପରେ ସଚିବ ସୁନ୍ଦରଗଡ ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ସହ ଜିଲାରେ ମାଛଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ସଚିବ ଏହି ଗସ୍ତ ସମୟରେ ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭିନ୍ନ ବ୍ଲକର ମତ୍ସ୍ୟ ଅଧିକାରୀମାନଙ୍କ ସହ ଜିଲାରେ ମାଛଚାଷ ସମ୍ପର୍କରେ ଆଲୋଚନା କରିଥିଲେ।

## ନୂତନ ଶ୍ରମକୋର୍ଡକୁ ଦୃଢ଼ ବିରୋଧ କରିବ ସିଆଇଟିୟୁ

**ରାଉରକେଲା ଅଫିସ,୫।୭**

ନୂତନ ଶ୍ରମକୋର୍ଡ କାର୍ଯ୍ୟକାରୀ ହେଲେ ସିଆଇଟିୟୁ ଦୃଢ଼ ବିରୋଧ କରିବା ସହ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ନୂତନ ଶ୍ରମକୋର୍ଡ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିବା ସମ୍ପର୍କରେ କେତେକ ଗଣମାଧ୍ୟମ ଓ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି। କେନ୍ଦ୍ର ସରକାର ୨୯ଟି ଆଇନକୁ ବିଲୋପ କରି ମଜୁରୀ, ସାମାଜିକ ସୁରକ୍ଷା, ଶିଳ୍ପ ସମ୍ପର୍କ ଓ ବୃତ୍ତିଗତ ସ୍ୱାସ୍ଥ୍ୟ ସୁରକ୍ଷା ଭଳି ୪ଟି କୋର୍ଡ ପ୍ରବର୍ତ୍ତନ କରିଛନ୍ତି। ମଜୁରି କୋର୍ଡ କାର୍ଯ୍ୟକାରୀ ହେଲେ ଶ୍ରମିକ କର୍ମଚାରୀମାନେ ପୂର୍ବରୁ ପାଉଥିବା ବେତନ ତୁଳନାରେ କମ୍ ପାଇବେ। ନୂତନ ଆଇନରେ ଶ୍ରମିକଙ୍କ ମୋଟ ଦରମା ମୂଳ ବେତନରୁ ୫୦ ଭାଗ ଅଧିକ ହେଲେ ଭବିଷ୍ୟନିଧି ଅଂଶଧନ ବୃଦ୍ଧି ପାଇବ । ଫଳରେ ଶ୍ରମିକମାନେ କମ୍ ଦରମା ପାଇବେ ଓ ଅବସର ନେଲେ ଅଧିକ ପିଏଫ୍ ଓ ଗ୍ରାଚ୍ୟୁଇଟି ପାଇବାର ସ୍ୱପ୍ନ ନୂତନ ମଜୁରି କୋର୍ଡରେ ସରକାର ଦେଖାଇଛନ୍ତି। ଭବିଷ୍ୟନିଧିରେ ଗଚ୍ଛିତ ଅର୍ଥରେ ସରକାର ସେୟାର ବଜାରରେ ବିନିଯୋଗ କରିବେ। କେନ୍ଦ୍ର ସରକାରଙ୍କର ଏପରି ଶ୍ରମଆଇନ ପରିବର୍ତ୍ତନ କେବଳ ମାଲିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି ସିଆଇଟିୟୁ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଆଗାମୀ ଦିନରେ ସହରରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସିଆଇଟିୟୁର ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି କହିଛନ୍ତି।

## ଟାୱାର କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କୁ ବିଜେଡିର ଦାବିପତ୍ର

**ଦେବଗଡ଼,୫।୭(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ମୋବାଇଲ ଟାୱାର ନାହିଁ ତ ଭୋଟ ନାହିଁ ଦାବିରେ ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଡିମିରିକୁଦା, ଗଣ୍ଡମ, ଝରାଗୋଗୁଆ, ପାରପୋଷି, ଝାରମୁଣ୍ଡା ପଞ୍ଚାୟତବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ସେହି ସମୟରେ ବିଜେଡି ପକ୍ଷରୁ ଉକ୍ତ ୫ ପଞ୍ଚାୟତବାସୀଙ୍କୁ ଯୋଗାଯୋଗ କରାଯିବା ସହିତ ଟାୱାର ବସାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସହିତ ଝରାଗୋଗୁଆଠାରେ ଏକ ଟାୱାର ବର୍ତ୍ତମାନ ସୁଦ୍ଧା ବସାଯାଇଛି। ଏହାପରେ ୫ ପଞ୍ଚାୟତବାସୀ ଭୋଟରେ ସାମିଲ ହୋଇଥିଲେ। ତେବେ ଝରାଗୋଗୁଆଠାରେ ନିର୍ମିତ ଟାୱାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିପରି ଡିମିରିକୁଦା



ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓ ପାରପୋଷି ପଞ୍ଚାୟତରେ ଟାୱାର କାମ ଆରମ୍ଭ ହୋଇ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏଣୁ ନୂତନ ଭାବେ ନିର୍ମିତ ଟାୱାର ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ବିଜେଡି ପକ୍ଷରୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନବେଳେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ତିଲେଇବଣି ବ୍ଲକ ସଭାପତି ବାବୁଲାଲ ପୃଷେଠଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ତହସିଲ ଅଫିସରେ ମନମୁଖୀ କାର୍ଯ୍ୟ, ଲୋକେ ହନ୍ତସନ୍ତ

**କୁତ୍ରା,୫।୭(ଡି.ଏନ.ଏ.)**

ସରକାରଙ୍କ ଜନହିତକର କାର୍ଯ୍ୟଗୁଡିକ କେମିତି ସୁବିଧାରେ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ପ୍ରକୃତରେ ଲୋକେ ସରକାରୀ କାର୍ଯ୍ୟାଳୟଗୁଡିକରେ ସୁବିଧାରେ କାର୍ଯ୍ୟ କରୁଛନ୍ତି ନା ହଇରାଣ ହେବାକୁ ପଡୁଛି ତାହା ବୁଝିବା ପାଇଁ କେହି ନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି କୁତ୍ରା ତହସିଲ କାର୍ଯ୍ୟାଳୟରେ। ଏଠାକୁ ପ୍ରତ୍ୟେକ ଦିନ ବହୁ ଲୋକ ବିଭିନ୍ନ କାର୍ଯ୍ୟ ନେଇ ଆସିଥାନ୍ତି। କିନ୍ତୁ ଏହି କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଯାଉଥିବା ଲୋକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି । ଏପରି କି ଟଙ୍କା ନ ଦେଲେ କାମ ହେଉନାହିଁ ବୋଲି ଅନେକ ଅଭିଯୋଗ କରିଛନ୍ତି । କୁତ୍ରା ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହି ଅଞ୍ଚଳର ଲୋକମାନେ ଅତ୍ୟନ୍ତ ସରଳ ଓ ନିରୀହ। ଏହାର ସୁଯୋଗ ନେଉଛନ୍ତି ତହସିଲ କର୍ମଚାରୀ। ଅଞ୍ଚଳରେ ଥିବା ବିଭିନ୍ନ କମ୍ପାନୀ ଓ ପ୍ରଭାବଶାଳୀ ଲୋକଙ୍କ କାମ ସହଜରେ ହେଉଥିବା ବେଳେ ସାଧାରଣ ଲୋକଙ୍କୁ ମାସ ମାସ ଧରି ଦୌଡିବାକୁ ପଡୁଛି । ସ୍ଥାୟୀ ତହସିଲଦାର ନ ଥିବା ଯୋଗୁ ଅଧିକାଂଶ କର୍ମଚାରୀ ମନୋମୁଖୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। କେତେକ ରାଜସ୍ୱ ନିରୀକ୍ଷକ, ଅଫିସ କର୍ମଚାରୀ ଲୋକଙ୍କୁ ହଇରାଣ କରି ବାରମ୍ବାର ଦୌଡିବାକୁ ବାଧ୍ୟ କରୁଛନ୍ତି। ତହସିଲର କେତେଜଣ କର୍ମଚାରୀ କୁତ୍ରା ବ୍ଲକସ୍ଥିତ ବିଭିନ୍ନ କମ୍ପାନୀର ଦଲାଲ ସାଜିଥିବା ମଧ୍ୟ ଅଭିଯୋଗ ହେଉଛି। ମୋଟା ଅଙ୍କର ଅର୍ଥ ନେଇ କମ୍ପାନୀ କାମ ଶୀଘ୍ର କରୁଥିବା ବେଳେ ସାଧାରଣ ଲୋକଙ୍କୁ ଭୁଆଁ ବୁଲା ହେଉଛି। କୁତ୍ରା ତହସିଲଦାର ଭାବେ ରବୀନ୍ଦ୍ର କୁମର ସେଠୀ ଯୋଗ ଦେବା ପରେ କିଛି ଦିନ ଠିକ୍ ଠାକ୍ କାମ ହେଲା। କିନ୍ତୁ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବଦଳି ହେବା ପରେ ସେଠୀଙ୍କୁ ଗତ ୬ ମାସରୁ ଊର୍ଦ୍ଧ୍ୱ ହେବ ବିଡ଼ିଓ ଭାବରେ ଦାୟିତ୍ୱ ଦିଆଯାଇଛି।




**ସ୍ଥାୟୀ ତହସିଲଦାର ନିଯୁକ୍ତି ପାଇଁ ଦାବି**

ସେ ଏବେ ଅତିରିକ୍ତ ଦାୟିତ୍ୱ ନେଇ ତହସିଲଦାର ଭାବରେ ଅଛନ୍ତି। ତେଣୁ ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ପୁଣି ପୂର୍ବ ଅବସ୍ଥା ଦେଖିବାକୁ ମିଳୁଛି। ସ୍ଥାୟୀ ତହସିଲଦାର ନ ଥିବା ଯୋଗୁ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ସହିତ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହୁ ଶୁଣୁ ନ ଥିବା ନେଇ ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ଥାୟୀ ତହସିଲଦାର ନିଯୁକ୍ତି କରିବା ପାଇଁ କୃଷ୍ଣ ବୁଡ଼ା, ସିଲବାନୁସ ମିଞ୍ଜ,ବାବଲୁ ମିଞ୍ଜ,ଉମେଶ ଖଡ଼ିଆ,ଗୋନ୍ଦଲା ମିଞ୍ଜ,ବିଜୟ ବେହେରା ପ୍ରମୁଖ ଦାବି କରିଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ଝାରସୁଗୁଡ଼ା ଅଫିସ,୫।୭:** ବ୍ରଜରାଜନଗର ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରିବା ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ସଦର ଥାନା ମିର୍ଗାମୁଣ୍ଡା କୋଲପଡାର ପ୍ରଶାନ୍ତ ମିର୍ଦ୍ଧା (୩୫) ଓ କ୍ଷେତରାଜପୁର ଥାନା ବିହାରିପଡାର ସନ୍ତୋଷ ରାୟ(୪୨)। ଏମାନଙ୍କୁ ନିକଟରୁ ପୋଲିସ୍ ୩ ମୋବାଇଲ୍, ଗୋଟିଏ ସିମ୍, ୪ବଣ୍ଡଲ ଆଲୁମିନିୟମ ତାର, ଚୋରିରେ ବ୍ୟବହୃତ ଓଡି୧୫ଟି-୬୭୦୯ ଟାଟା ହେରିଅର୍ ଗାଡି ଜବତ କରିଛି। ସାହାଜବାହାଲଠାରେ ବନ୍ଦ ପଡିଥିବା ଇନ୍ଦ୍ ବରାତ ଉତ୍କଳ ଏନର୍ଜି ଲିମିଟେଡ୍ ତାପଜ ବିଦ୍ୟୁତ କେନ୍ଦ୍ରରୁ ବୁଡିପଦର ଗ୍ରୀଡ୍କୁ ଯାଇଥିବା ଟାୱାର ଲାଇନ୍କୁ ସୁରକ୍ଷା ପାଇଁ କମ୍ପାନୀ ତରଫରୁ ବେଲପାହାଡର ଏକ ସୁରକ୍ଷା ସଂସ୍ଥାକୁ ନିୟୋଜିତ କରାଯାଇଛି । ଏହି ସଂସ୍ଥାର ସୁରକ୍ଷାକର୍ମୀ ବ୍ରଜରାଜନଗର ଥାନା ଚୁଆକାନୀ ନିକଟ ଟାୱାର ଲାଇନ୍ ଜଗିଥିବାବେଳେ ଗତ ୧୬ତାରିଖ ରାତିରେ ୮ଜଣ ଦୁର୍ବୃତ୍ତ ଏକ ଗାଡିରେ ଆସି ସେମାନଙ୍କୁ ମାର୍ପିଟକରି ସାମଗ୍ରୀ ଚୋରି କରିନେଇଥିଲେ। ଏ ନେଇ ସୁରକ୍ଷାସଂସ୍ଥା ମାଲିକ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୧୯୦/୨୨) ରୁଜୁ ହୋଇଥିଲା ।

### ଘରେ ପଶି ଲୁଟିନେଲେ ଅଳଙ୍କାର

**ରାଉରକେଲା ଅଫିସ,୫।୭:** ରାଉରକେଲା ସେକ୍ଟର-୧ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ପଶି କିଛି ଦୁର୍ବୃତ୍ତ ସୁନା ଅଳଙ୍କାର ଲୁଟି ନେଇଥିବା ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୧।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା ଆରମ୍ଭ କରିଛି। ସୂଚନା ଅନୁସାରେ, ସେକ୍ଟର-୧ ଅଞ୍ଚଳର ଅରୁଣ କୁମାର ବିଶ୍ୱାଳ ଗତ ଜୁନ ୨୩ ତାରିଖରେ ତାଙ୍କ ମାମୁଁ ଝିଅଙ୍କ ବାହାଘର ପାଇଁ ଗାଁକୁ ଯାଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କ ଘର କବାଟ ଭାଙ୍ଗି ଆଲମିରାରେ ଥିବା ସୁନା ଅଳଙ୍କାର ସହ ୧୫ ହଜାର ଟଙ୍କା ଚୋରି କରି ନେଇଥିଲେ। ସୋମବାର ଅରୁଣ ଗାଁରୁ ଫେରି ଘର କବାଟ ଭଙ୍ଗାଯାଇଥିବା ଦେଖି ଥାନାରେ ଅଭିଯୋଗ କରଥିଲେ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ରାଉରକେଲା ଅଫିସ,୫।୭:** ରାଉରକେଲା ମେନ୍ରୋଡରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୬।୨୨) ରୁଜୁ କରି ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସୂଚନା ଅନୁସାରେ, ପ୍ଲାଣ୍ଟସାଇଟ ଥାନା ଡେଲିମାର୍କେଟ ହରିୟାଣା ଭବନ ଗଳିର ସୁରେନ୍ଦ୍ର ରାଉତ(୩୦) ଝାରସୁଗୁଡା ଅଞ୍ଚଳରୁ କୌଣସି କାମସାରି ସୋମବାର ସାଲିମାର ସୁପର ଫାଷ୍ଟ ଏକ୍ସପ୍ରେସ ଯୋଗେ ରାଉରକେଲାରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ସେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ତାଙ୍କୁ ଡେଲିମାର୍କେଟ ଛକ ନିକଟରେ କିଛି ଦୁର୍ବୃତ୍ତ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଠାରୁ ମୋବାଇଲ ଓ ପର୍ସ ଛଡାଇ ନେଇଥିଲେ। ସୁରେନ୍ଦ୍ର ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

# ବଢୁଛି ଅସନ୍ତୋଷ, ୮ରେ ବିକ୍ଷୋଭ ସମାବେଶ

**ସମ୍ବଲପୁର,୫।୭(ବ୍ୟୁରୋ)**



ବୈଠକରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନ ସଦସ୍ୟ ।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏହା ଜନଆନ୍ଦୋଳନରେ ପରିଣତ ହୋଇଛି। ପୂର୍ବରୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିରେ ଏହି ପ୍ରସଙ୍ଗ ଆଲୋଚନା କରାଯାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜୁନ ୩୦ ସୁଦ୍ଧା ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ଅନୁରୋଧ କରାଯାଇଥିଲା। ହେଲେ ସମୟ ଅବଧି ଶେଷ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ପାଖକୁ ରିପୋର୍ଟ ପଠାଗଲା ନାହିଁ। ତେଣୁ ପୂର୍ବ ନିଷ୍ପତ୍ତିକ୍ରମେ ଜୁଲାଇ ୮ରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହ ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରେରଣ କରାଯିବ ବୋଲି ମଙ୍ଗଳବାର ଜିଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି।

ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା, ଅନୁଷ୍ଠାନ ସଦସ୍ୟ, ବରିଷ୍ଠ ନାଗରିକ ଯୋଗ ଦେଇ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ମତ ରଖିଥିଲେ। ସେମାନେ ଦର୍ଶାଇଥିଲେ, କେନ୍ଦ୍ର ଆଇନ ମନ୍ତ୍ରୀ କିରନ ରିଜିଜୁ ରାଜ୍ୟକୁ ହାଇକୋର୍ଟଙ୍କ ମତ ସହ ପୂର୍ଣ୍ଣାଙ୍ଗ ରିପୋର୍ଟ ମାଗିଥିଲେ। ଜୁନ ୩୦ ସୁଦ୍ଧା ରାଜ୍ୟ ସରକାର ହାଇକୋର୍ଟଙ୍କ ମତ ସହ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାର ଥିଲା। ଏହି ରିପୋର୍ଟ ଦାଖଲ କଲେ ଆଉ କେନ୍ଦ୍ର ସରକାର ବାହାନା କରିପାରିବେ ନାହିଁ। ପୂର୍ବରୁ ରାଜ୍ୟ ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବେଞ୍ଚର ଆବଶ୍ୟକତା ନେଇ ଚିଠି କରିଥିଲେ। ଗତ ନିର୍ବାଚନ ପୂର୍ବରୁ ଏଥିପାଇଁ ସ୍ୱତନ୍ତ୍ର ବଜେଟରେ ଅନୁଦାନ ଘୋଷଣା କରିଥିଲେ। ହେଲେ ଉଭୟ ସରକାରଙ୍କ ଟାଳଟୁଳ ନୀତି ଯୋଗୁ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରସଙ୍ଗ ଆଜି ପର୍ଯ୍ୟନ୍ତ ଝୁଲିରହିଛି। ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଆବାହକ ପ୍ରଦିପ ବହିଦାର, ପୂର୍ବତନ ସଭାପତି ଡ. ପ୍ରମୋଦ ରଥ, ସୁଧର ବହିଦାର, ନାଗରିକ କ୍ରିୟାନୁଷ୍ଠାନ ଯୁଗ୍ମ ଆବାହକ ପ୍ରଫୁଲ୍ଲ ହୋତା, ବସନ୍ତ ମିଶ୍ର, ସହ ସଂଯୋଜକ ପ୍ରମୋଦ ଦାସଙ୍କ ସମେତ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଅନ୍ନପୂର୍ଣ୍ଣା ବାରିକ, ସମୀର ବାବୁ, ମାନସ ବକ୍ସି, ବିଜେଡିର ଗୋକୁଳ ମେହେର, ପ୍ରଫୁଲ୍ଲ ଦାସ, ସରୋଜ ଦାସ, ଆଶୋକ ଜଲାନ, ନିହାଲ ସିଂ, ଆଶୋକ ମିଶ୍ର, ଶିବ ଅଗ୍ରୱାଲ, କୃଷକ ନେତା ଦେବେନ୍ଦ୍ର ପ୍ରଧାନ, ସରୋଜ ମହାନ୍ତି, ଅରୁର ମୁଖାର୍ଜି, କଂଗ୍ରେସ ଦଳର ଅଶ୍ୱିନୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ସପ୍ତାହରେ ମଲେଣି ୩ ବଳଦ

**ବିପଦ ସାଜିଛି ମୁକୁଳା ଟ୍ରାନ୍ସଫର୍ମର**



**ଝାରସୁଗୁଡ଼ା ଅଫିସ,୫।୭**

ବେଲପାହାଡ ସେକ୍ସନର ବନ୍ଧବାହାଲ ସବ୍ଷ୍ଟେଶନ ଅଧୀନ ଗୁଡିଆଲି ଗ୍ରାମ ତେଲିପଡାରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଫଳରେ ଏହା ସଂସ୍ପର୍ଶରେ ଆସି ୨ସପ୍ତାହ ମଧ୍ୟରେ ଗ୍ରାମର ୩ବଳଦ ମୃତ୍ୟୁବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ଗ୍ରାମର କେଦାର ସାହୁଙ୍କ ଏକ ବଳଦର ମୃତ୍ୟୁ ଘଟିଛି। ସେହିପରି ଗତ ସପ୍ତାହରେ ଗ୍ରାମର କାର୍ତ୍ତିକ ସୁହୁଲା ଓ ଜୟଦେବ ସୁହୁଲାଙ୍କ ବଳଦ ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଭାଗକୁ ଜଣାଇଲେ ମଧ୍ୟ ଏହାର କୌଣସି ପ୍ରତିକାର କରାଯାଉନାହିଁ। ବିଭାଗର ଅବହେଳା ପାଇଁ ଗୋଟିଏ ପରେ ଗୋଟିଏ ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଉଛି। ଏ ଦିଗରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟିଦେଇ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ତାରବାଡ ଦେବାପାଇଁ ଦାବି ହେଉଛି । ଏ ନେଇ ବନ୍ଧବାହାଲ ସେକ୍ସନ କନିଷ୍ଠ ଯନ୍ତ୍ରୀ ଅସିମ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ୟା ସମ୍ପର୍କରେ ଅବଗତ ଅଛି। ଏ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବହୁଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଖାଦ୍ୟରେ ବିଷ ଦେଇ ହତ୍ୟା ଅଭିଯୋଗ

**ସମ୍ବଲପୁର,୫।୭(ବ୍ୟୁରୋ)**



ଏସ୍ପି ଅଫିସ ସମ୍ମୁଖରେ ମୃତ ଅଶୋକଙ୍କ ପରିବାର ।

**ପ୍ରେମିକାଙ୍କ ବାରିପଟୁ ପ୍ରେମିକ ମୃତଦେହ ମିଳିବା ଘଟଣା**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଖଇରମାଲ ଗ୍ରାମରେ ଜୁନ ୧୬ରେ ପ୍ରେମିକ ଅଶୋକ ସାହୁଙ୍କ ମୃତଦେହ ପ୍ରେମିକା ସୀମା ପଧାନଙ୍କ ଘର ବାରିପଟୁ ମିଳିଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ସୀମାଙ୍କ ସମେତ ମାଆ ସୌରେନ୍ଦ୍ରୀ ଓ ଭାଇ ମନୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଅଶୋକଙ୍କ ପରିବାର ମଙ୍ଗଳବାର ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଅଶୋକଙ୍କୁ ଯୋଜନାବଦ୍ଧ ଭାବେ ଘରକୁ ଡାକି ଖାଦ୍ୟରେ ବିଷ ଦେଇ ହତ୍ୟା କରାଯାଇଛି। ହତ୍ୟା ପରେ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଉଛି। ଘଟଣାସ୍ଥଳରେ କୌଣସି ବିଷ ପିଇବା ପ୍ରମାଣ ନାହିଁ। ବିଷ ଥିବା ବୋତଲ, ମୃତଦେହ ଓ ପାରିପାର୍ଶ୍ୱିକ ସ୍ଥିତିରୁ ମଧ୍ୟ ଜଣାପଡୁନାହିଁ। ଅଶୋକଙ୍କୁ ବିଶ୍ୱାସରେ ଘରକୁ ଡାକିଥିଲେ। ସେଠାରେ ପରିବାର ବିଷମିଶା ଖାଦ୍ୟ ଖାଇବାକୁ ଦେଇଥିଲେ। ମୃତ୍ୟୁ ପରେ ବାରିପଟେ ଫିଙ୍ଗି ଦେଇଥିଲେ। ସୀମା ଘରକୁ ଡାକିବା ନେଇ ଅଡିଓ କଲ ମଧ୍ୟ ସେମାନଙ୍କ ପାଖରେ ଥିବା ଦର୍ଶାଇଛନ୍ତି। ଯଦି ସମ୍ପର୍କ ନ ଥିଲା ସେମାନେ କିଭଳି ଘରକୁ ଫୋନ କରି ଡାକିଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଘଟଣା ଦିନ ପୋଲିସକୁ ଅଭିଯୋଗ କଲାପରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପରବର୍ତ୍ତି ସମୟରେ ହତ୍ୟା ପାଇଁ ପରିବାରକୁ ଦାୟୀ କରାଯାଇ ଦଫା ଲଗାଯାଇଛି। ଏଥିରେ ଉଚିତ ତଦନ୍ତ ହୋଇ ନ ଥିବା ଜଣାପଡୁଛି। ଘର ବାରିପଟେ ୨ଦିନ ଧରି ପୋଲିସ ଓ ସାଇଣ୍ଟିଫିକ ଟିମ୍ ଯାଞ୍ଚ କରିଥିଲେ। ଅଶୋକଙ୍କ ଶରୀରରେ ଆଘାତ ରହିଥିଲା। ସେ ବ୍ୟବହାର କରୁଥିବା ମୋବାଇଲ ଫୋନ ଭାଙ୍ଗି ଚୁରମାର ହୋଇଯାଇଥିଲା। ତେଣୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେଉଛି। ପୋଲିସ ପୁନଃ ତଦନ୍ତ କରୁ ବୋଲି ଦାବି କରିଥିଲେ। ଏସ୍ପି ବାତୁଲା ଗଙ୍ଗାଧର ପରିବାରକୁ ପ୍ରତିଶ୍ରୁତି ଦେଇ କହିଥିଲେ, ତଦନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ। ଯେଉଁ ଅଭିଯୋଗ କରୁଛ ତା' ଉପରେ ମଧ୍ୟ ତଦନ୍ତ କରାଯିବ। ସୂଚନାଯୋଗ୍ୟ ଅଶୋକ ଓ ସୀମାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବାବେଳେ ସୀମାଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଥିଲା। ଅଶୋକ ୨ଜଣ ସାଙ୍ଗଙ୍କ ସହ ଜୁନ ୧୫ ରାତିରେ ସୀମାଙ୍କ ଘରକୁ ଯାଇଥିଲେ। ପରଦିନ ସୀମାଙ୍କ ବାରିପଟୁ ଅଶୋକଙ୍କ ମୃତଦେହ ମିଳିଥିଲା।

# ସମ୍ବଲପୁରରେ ହେବ ଅଗ୍ନିବୀର ସେନା ନିଯୁକ୍ତି ମେଳା

**ସମ୍ବଲପୁର,୫।୭ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିବୀର ସେନା ନିଯୁକ୍ତି ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ସହରରୁ ୨ ହଜାର ପିଲା ଏହି ଆର୍ମି ରାଲିରେ ଅଂଶଗ୍ରହଣ କରିବା ନେଇ ପୂର୍ବାନୁମାନ କରାଯାଉଛି। ଆର୍ମି ତରଫରୁ ପ୍ରତିବର୍ଷ ସର୍ବଭାରତୀୟ ସ୍ତରରେ ୫୦ ହଜାର ପଦବୀ ବାହାର କରାଯାଏ। ସେଥିମଧ୍ୟରୁ ଓଡ଼ିଶା ପାଇଁ ୨ ହଜାର ପଦବୀ ରହିଛି। କିନ୍ତୁ ପଦବୀର ୭୦% ଉପଯୋଗୀ ହେଉଥିବା ବେଳେ ବଳକା ଉପଯୋଗୀ ହୋଇପାରୁନି ବୋଲି ଆର୍ମି ଅଫିସର କହିଛନ୍ତି। ଏହି ସେନା ରାଲି ନିଯୁକ୍ତି ପାଇଁ ଅନୁଗୋଳ, ବଲାଙ୍ଗୀର, ବରଗଡ, ଢେଙ୍କାନାଳ, ଦେଓଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାର ପ୍ରାର୍ଥୀ ଯୋଗ ଦେଇପାରିବେ। ଅନ୍ଲାଇନ ପଞ୍ଜିକରଣ ବାଧ୍ୟତାମୂଳକ। ଉପରୋକ୍ତ ଜିଲାର ଯୋଗ୍ୟ ପ୍ରାର୍ଥୀ ୫ ଜୁଲାଇରୁ ୩ ଅଗଷ୍ଟ ୨୦୨୨ ମଧ୍ୟରେ ପଞ୍ଜିକୃତ କରିପାରିବେ ବୋଲି କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପିଡି ଡିଆର୍ଡିଏ ତନ୍ମୟ କୁମାର ଦରୱାନ, କଲୋନେଲ ଏଆର୍ଓ ସୁଦିପ ବୋଷ, କ୍ରୀଡା ଅଧିକାରୀ ଜୟଶ୍ରୀ ପାଢ଼ୀ, ଅତିରିକ୍ତ ଏସ୍ପି, ଡିଆଇବି ଜେମସ ସମଦ, ଆସିଷ୍ଟାଣ୍ଟ ଫାୟାର ଅଫିସର ଜିତେନ୍ଦ୍ର କୁମାର ବିଶ୍ୱାଳ, ମହାନଗର ନିଗମ ଡେପୁଟି କମିଶନର ବିନୋଦ ଚନ୍ଦ୍ର ପଣ୍ଡା, ଆଞ୍ଚଳିକ ପରିହନ ଅଧିକାରୀ ରାମଦାସ ଟୁଡୁ, ସଦର ଭାରପ୍ରାପ୍ତ ଉପଜିଲାପାଳ ଅଞ୍ଜଳିନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୫୧ ପଞ୍ଚାୟତ ଫସଲବୀମାରୁ ବଞ୍ଚିତ

**କୁଚିଣ୍ଡା ଉପଖଣ୍ଡ**

**କୁଚିଣ୍ଡା,୫।୭(ଡି.ଏନ.ଏ.)**

ସମ୍ବଲପୁର ଜିଲାର ଅଣଜଳସେଚିତ କୁଚିଣ୍ଡା ଉପଖଣ୍ଡରେ ମୋଟ ୪ଟି ପଞ୍ଚାୟତ ୨୦୨୦-୨୧ବର୍ଷର ମରୁଡି ପାଇଁ ଫସଲବୀମା ପାଇଛନ୍ତି। କୁଚିଣ୍ଡା ଏନ୍ଏସି ଓ ଅନ୍ୟ ୫୧ଗୋଟି ପଞ୍ଚାୟତ ଏଥିରୁ ବଞ୍ଚିତ ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୨୦୨୦-୨୧ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଉପଖଣ୍ଡରେ ପ୍ରାୟ ୭୦ରୁ ୮୦ ପ୍ରତିଶତ ଫସଲ ହାନି ଘଟିଥିଲା। ଧାନ ଅମଳ ପୂର୍ବରୁ ସରକାରୀ ଭାବେ କ୍ରପକଟିଂ କରାଯାଇ ସରକାରଙ୍କୁ ରିପୋର୍ଟ ପଠାଯାଇଥିଲା। ପରିସଂଖ୍ୟାନ, କୃଷି ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ କ୍ରପକଟିଂ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ବିଭିନ୍ନ ପଞ୍ଚାୟତରେ ତ୍ରୁଟି ହୋଇଥିବା ଦର୍ଶାଯାଇ ଫସଲବୀମା ଘୋଷଣାରେ ବିଳମ୍ବ ହୋଇଥିଲା। କୁଚିଣ୍ଡା ବ୍ଲକର ବାଉରିଗୋଡା ଓ ଟାଇଁସର, ବାମରା ବ୍ଲକର ପିଣ୍ଡାପଦର ଓ ଜମନକିରା ବ୍ଲକର ବଡ଼ମାଲ ପଞ୍ଚାୟତକୁ ଫସଲବୀମା ମିଳିଥିବା ବେଳେ ଅନ୍ୟ ପଞ୍ଚାୟତ ଓ କୁଚିଣ୍ଡା ଏନ୍ଏସି ଏଥିରୁ ବାଦ୍ ପଡିଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ପର୍ଯ୍ୟାୟ କ୍ରମେ ମରୁଡିଜନିତ ବୀମା ରାଶି ମିଳିବ ବୋଲି କୁହାଯାଉଥିଲେ ହେଁ ଏହା ସରକାରୀ ଭାବେ ଘୋଷଣା କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ପରିବେଶ ପରିଷ୍କାର ରଖିବାକୁ ସଚେତନତା



ଜେଏସଡବ୍ଲ୍ୟୁରେ ସ୍ୱଚ୍ଛ ଭାରତ ଅଭିଯାନ ।

**ଜେଏସଡବ୍ଲ୍ୟୁର ସ୍ୱଚ୍ଛତା ଅଭିଯାନ**

**ସମ୍ବଲପୁର, ୫।୭ (ବ୍ୟୁରୋ)**

କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ନିର୍ଦ୍ଦେଶ ଅନୁଯାୟୀ ଭାରତ ସରକାରଙ୍କ ଆଜାଦୀ କା ଅମୃତ ମହୋତ୍ସବ ଠେଲକୋଲିସ୍ଥିତ ଜେଏସଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ପାଳିତ ହୋଇଯାଇଛି। ଭାରତର ଗ୍ରାମାଞ୍ଚଳରେ ଇସ୍ପାତ ବ୍ୟବହାର ବୃଦ୍ଧି ଉପରେ ଧ୍ୟାନ ଦେଇ କମ୍ପାନୀ ଜୁଲାଇ ୪ରୁ ୧୦ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରୁଛି। ୫ ଜୁଲାଇରେ ରେଙ୍ଗାଲି ତହସିଲର ଠେଲକୋଲି ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ପରିବେଶ ପରିଷ୍କାର ରଖିବାକୁ ବାର୍ତ୍ତା ଦିଆଯାଇଥିଲା। ପରାମର୍ଶଦାତା ପ୍ରଶାସନ କେ.ବି. ସିଂ, ଭିପି (ପ୍ରଶାସନ) ଡି.କେ. ସିହ୍ନା, ଜେ.ପି. ସିଂ ଏଭିପି (ଏଚଆର), ମନୋଜ ସିଂ ଏଭିପି (ସୁରକ୍ଷା ଓ ଭିଜିଲାନ୍ସ), ଶ୍ୟାମକାନ୍ତ ଗାଇଡାନେ (ଜିଏମ୍ ଉଦ୍ୟାନ କୃଷି ଓ ଉଦ୍ଭିଦ ପ୍ରଶାସନ), ଦୀପକ ରଞ୍ଜନ, ଡେନିଶ ନାୟକ, ଜନସମ୍ପର୍କ ବିଭାଗର ପ୍ରମୋଦ ପାତ୍ର ଉପସ୍ଥିତ ଥିଲେ।

# ହୀରାକୁଦ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଣ୍ଡାଲ୍କୋ ଡାକ୍ତରଙ୍କ ଚିକିତ୍ସା



ଜଣେ ରୋଗୀଙ୍କୁ ଡାକ୍ତର ପରାମର୍ଶ ଦେଉଛନ୍ତି।

**ସମ୍ବଲପୁର,୫।୭(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍କୋ ସ୍ୱାସ୍ଥ୍ୟସେବା ପାଇଁ ସହଯୋଗର ହାତ ବଢାଇଛି। ହୀରାକୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ସହଯୋଗ କରିବା ପାଇଁ କମ୍ପାନୀ ଦୁଇଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛି। ମେଡିସିନ ଓ ଶିଶୁ ରୋଗ ଏବଂ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ରହିଛନ୍ତି। ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପୂର୍ବରୁ ରୋଗୀମାନେ ଘରୋଇ ମେଡିକାଲ ଓ ଅନ୍ୟ ସରକାରୀ ମେଡିକାଲକୁ ଯାଉଥିଲେ। ଏବେ ହୀରାକୁଦରେ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଆଗକୁ ସ୍ୱାସ୍ଥ୍ୟସେବା ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଇତିହାସ ବିନା ଭବିଷ୍ୟତ ଗଠନ ଅସମ୍ଭବ

**ସମ୍ବଲପୁର,୫।୭(ବ୍ୟୁରୋ)**



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅତିଥିମାନେ।

**ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିଳାନ୍ୟାସ**

ଇତିହାସ ବିନା ଭବିଷ୍ୟତ ଗଠନ ଅସମ୍ଭବ। ଇତିହାସ ଆମକୁ ଆଗକୁ ବଢିବାକୁ ମାର୍ଗଦର୍ଶନ କରିଥାଏ। ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଭଳି ମହାନବ୍ୟକ୍ତିଙ୍କ ଜୀବନୀ ଉପରେ ଅଧ୍ୟୟନ କରି ଅନୁସରଣ କଲେ ନିଶ୍ଚିତ ଭାବେ ସଫଳତା ମିଳିବ। ସ୍ଥାନୀୟ ପୁଟିବନ୍ଧସ୍ଥିତ ନେତାଜୀ ସୁବାସ ଚନ୍ଦ୍ର ବୋଷ (ଏନ୍ଏସ୍ସିବି) କଲେଜରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଏମ୍ପି ପ୍ରସନ୍ନ ଆଚାର୍ଯ୍ୟ ଏହା କହିଥିଲେ। କଲେଜ କର୍ତ୍ତୃପକ୍ଷ ଓ ଆଲୁମ୍ନି ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ ଓ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଏଡିଏମ୍ ଉମାକାନ୍ତ ରାଜ, ସୁବର୍ଣ୍ଣଜୟନ୍ତୀ କମିଟି ଅଧ୍ୟକ୍ଷ ଅନିରୁଦ୍ଧ ପ୍ରଧାନ, ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଭାବତି ଗୁରୁ ଉପସ୍ଥିତ ଥିଲେ। ଅତିଥିମାନେ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଦୁର୍ଲ୍ଲଭ କୁମାର ସା ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ଶ୍ୟାମ ଭୋଇ ଅତିଥି ପରିଚୟ ଦେଇଥିଲେ। ସୁବର୍ଣ୍ଣଜୟନ୍ତୀ କମିଟି ସାଧାରଣ ସମ୍ପାଦକ ସଦସ୍ୟ ହୀରାଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ଦୁଇ ଗ୍ରାମ ଛକାପଞ୍ଝା

**କୁଚିଣ୍ଡା,୫।୭(ଡି.ଏନ.ଏ.)**



ଦାବିପତ୍ର ଦେବାକୁ ଆସିଥିବା ଲାଡ ଗ୍ରାମବାସୀ।

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବକ୍ସମା ଓ ଲାଡ ଗ୍ରାମ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ନିଜ ଗ୍ରାମର ପ୍ରସ୍ତାବିତ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ଦାବିକରି ସୋମବାର ଲାଡ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କୁଚିଣ୍ଡା ବିଡିଓ ଓ ଉପଜିଲାପାଳଙ୍କୁ ପତ୍ରାଳାପ କରି ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗୁହାରି କରିଛନ୍ତି।

୨୦୧୬ରେ ବକ୍ସମା ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରକାରୀ ଅର୍ଥ ମଞ୍ଜୁର ହୋଇଥିଲା। ପଞ୍ଚାୟତ ମୁଖ୍ୟାଳୟରେ ଉପଯୁକ୍ତ ସ୍ଥାନ ଅଭାବରୁ ଏହା ନିର୍ମାଣ ହୋଇ ନ ପାରି ମଞ୍ଜୁରୀ ଅର୍ଥ ପଡିରହିଥିଲା। ୨୦୧୯ରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ ପଟେଲ ଲାଡ ଗ୍ରାମରେ ହୋଇଥିବା ପଲ୍ଲୀ ସଭାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜମି ଯୋଗାଇଦେବାକୁ ସୂଚନା ଦେବାରୁ ଗ୍ରାମବାସୀ କୁଆଡେ ସ୍କୁଲ ପାଖ ଆମ୍ବବଗିଚାରେ ନିର୍ମାଣ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ବକ୍ସମାବାସୀ ଏହାକୁ ବିରୋଧ କରିବାରୁ ଦୀର୍ଘ ୩ବର୍ଷ ଧରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବା ଲାଡ ଗ୍ରାମବାସୀ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। କୁଚିଣ୍ଡା ବିଡିଓ ଲାଡ ଗ୍ରାମରେ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ କାର୍ଯ୍ୟ ଆରମ୍ଭ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ମଣ୍ଡପ ନିର୍ମାଣ ହେଲେ ଟାଇଁସର, ଶରଧାପାଲି, ସକଣ୍ଡା, ଚାରଭାଟି ଓ ଜମନକିରା ଗ୍ରାମର ଲୋକେ ଉପକୃତ ହେବେ ବୋଲି ଲାଡ ଗ୍ରାମବାସୀ ଦାବି କରୁଛନ୍ତି। ଅନ୍ୟପକ୍ଷେ ବକ୍ସମାରେ ଯଦି ମଣ୍ଡପ ନିର୍ମାଣ ପାଇଁ ଜମି ବ୍ୟବସ୍ଥା ରହିଛି ତେବେ ଏତେ ଦିନ ଧରି କାହିଁକି କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି ସେମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରୁ ସେ ପଞ୍ଚାୟତ ମୁଖ୍ୟାଳୟରେ ଏହି କାର୍ଯ୍ୟ ହେବାର ନିୟମ ରହିଛି ଓ ଏହା ଖୁବ୍ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ଜୁଲାଇ, ୨୦୨୨



**କୈବର୍ତ୍ତ ସମାଜର ଘାଟପୂଜା**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ସୋନଗଡ ନଦୀକୂଳରେ କୈବର୍ତ୍ତ ସମାଜର ଘାଟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ସୁଶାନ୍ତ କୁମାର ବୁଡେକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ନରସିଂହ ଦଣ୍ଡସେନା, ଭାସ୍କର ମଲ୍ଲିକ ଓ କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ଦଣ୍ଡସେନା ଅତିଥି ଭାବେ ଯୋଗଦେଇଥିଲେ। ପରମାନନ୍ଦ ନାଏକ ପୂଜକ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଦସ୍ୟ ଯୋଗଦେଇଥିଲେ।

## ସଂକ୍ଷେପରେ

### ବୃକ୍ଷ ସୁରକ୍ଷା ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

**ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ସାମୂହିକ ବନୀକରଣ**

ମୁରିବାହାଲ,୫।୭(ଡ.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ସାମୂହିକ ବନୀକରଣ କାର୍ଯ୍ୟକ୍ରମ କଲେଜ ପରିସରରେ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସରୋଜ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁରିବାହାଲ ରେଞ୍ଜର ଲିଙ୍ଗରାଜ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷାରେ ଯୁବପୀଢ଼ିରେ ଭୂମିକା ଉପରେ କହିଥିଲେ। ସମ୍ମାନୀତ ଅତିଥିଭାବେ ଫରେଷ୍ଟର ପୁଷ୍ପାଞ୍ଜଳି ଯୋଶୀ, ରଞ୍ଜିତ କୁମାର ସିଂଦେଓ, ଅଧାପକ ପୂର୍ଣ୍ଣଚନ୍ଦ୍ର ପଧାନ, ସୋମେଶଦତ୍ତ ହୋତା, ଗୁଣସାଗର ମେହେର ପ୍ରମୁଖ ଯୋଗଦେଇ ଅଧିକରୁ ଅଧିକ ଗଛ ଲଗାଇ ବିଦ୍ୟାର୍ଥୀମାନେ ଜଳବାୟୁର ଭାରସାମ୍ୟ ରକ୍ଷା କରିବାରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବୃକ୍ଷ ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। ଅଧାପକ ଦିଲୀପ କୁମାର ପଶାୟତ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତୀ, ବନରକ୍ଷୀ ଭୋଜରାଜ ଭୋଇ, ସୁଶାନ୍ତ ଧାରୁଆ, ଫାଲଗୁନୀ ଦାସ ସହଯୋଗ କରିଥିଲେ। ଅଧାପକ ଯୁଗଳ କିଶୋର ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଦୀପ ଦାସ ବଡ଼ମାଳ ଗୋଳାବାରୁଦ କାରଖାନା ମହାପ୍ରବନ୍ଧକ ନିଯୁକ୍ତ

ସଇଁତଳା,୫।୭ (ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବଡମାଳସ୍ଥିତ ଗୋଳାବାରୁଦ କାରଖାନାର ମହାପ୍ରବନ୍ଧକ ଭାବେ ଓଡ଼ିଆ ଅଧିକାରୀ ପ୍ରଦୀପ କୁମାର ଦାସ ନିଯୁକ୍ତ ହୋଇଛନ୍ତି। ଏଠାରେ ଅବସ୍ଥାପିତ ମହାପ୍ରବନ୍ଧକ ଅଜୟ କୁମାର ସିଂଙ୍କର ଜବଲପୁର ଖମାରୀଧାର ଇଣ୍ଟରନାଲ ଅଡ଼ିଟ ବିଭାଗ ମହାପ୍ରବନ୍ଧକଭାବେ ବଦଳି ହୋଇଛି। ନବନିଯୁକ୍ତ ଦାସ କୋଲକତାସ୍ଥିତ ମେଟାଲ ଆଣ୍ଡଷ୍ଟିଲ କାରଖାନାରେ ଅତିରିକ୍ତ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ପଦୋନ୍ନତି ପାଇ ସେଠାକୁ ବଦଳି ହୋଇଛନ୍ତି।


ନୂତନ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାସ।

### ଚାରାର ଯତ୍ନ ନେବା ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

**ଭୀମକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ**


ବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

ପଲମ,୫।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଭିମକେଲା ପଞ୍ଚାୟତସ୍ଥିତ ଭୀମକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମଧୁସୁଦନ ଦାସ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅନେକ ଫୁଲ, ଫଳ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ଆଡଭୋକେଟ ସରୋଜ କୁମାର ସାହୁଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଚାରାରୋପଣରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ବିନୟ କିଶୋର ଦାସ, ରାଜିବ ଲୋଚନ ଦାସ, ସଞ୍ଜୟ ସେନାପତି, ଗଙ୍ଗାଧର ରଣା ଓ ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ ଏବଂ ଏହାର ଯତ୍ନ ନେବା ପାଇଁ ଶପଥ ନେଇଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ଅମ୍ବୁଡ଼ସମ୍ୟାନ

**କାମ କରି ଶ୍ରମିକଙ୍କୁ ମିଳିନି ପ୍ରାପ୍ୟ**

ଲୋଇସିଂହା,୫।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆପଦର ଗ୍ରାମର କେତେକ ଶ୍ରମିକ ଏମ୍‌ଜିଏନ୍‌ଆର୍‌ଇଜିଏସରେ କାମ କରି ପ୍ରାପ୍ୟ ପାଇନାହାନ୍ତି। ଏ ନେଇ ସେମାନେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ତଦନ୍ତ କରିବାକୁ ମଙ୍ଗଳବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡସମ୍ୟାନ ସଚ୍ଚିଦାନନ୍ଦ ହନୁମାନ କ୍ଷେତ୍ର ପରିଦର୍ଶନ କରି ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରବଳ ବର୍ଷା ହେବାରୁ ତଦନ୍ତ ଅଧାରୁ ସେ ଚାଲି ଯାଇଥିଲେ ବୋଲି ଅଭିଯୋଗକାରୀମାନେ କହିଛନ୍ତି।

ମାଣ୍ଡିଆପଦର ଗ୍ରାମର ପାଣ୍ଡେପରାରୁ–ମହୁଲବୁରାଇ ଏବଂ କୁଶଙ୍ଗାଇ କେନାଲ କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହୋଇଛି। ଗ୍ରାମର କେତେକ ଜବକାର୍ଡଧାରୀ ଶ୍ରମିକ ଏଠାରେ କାମ କରିଥିଲେ। ସେମାନଙ୍କ ମଧ୍ୟରୁ କଇଁରୁ ସାହୁ, ବକୁଲ ସାହୁ, ଶ୍ୟାମ ସାହୁ, ବ୍ୟାସଦେବ ପଧାନ, ଜହଲ୍ଲାଦ କୁଅଁର ପ୍ରମୁଖ କାମ କରି ପ୍ରାୟ ୬୦ ପିଟ ଲେଖାଏ ମାଟି ବୁହା ଟଙ୍କା ପାଇନାହାନ୍ତି। ଅନ୍ୟପକ୍ଷରେ ଉକ୍ତ ପ୍ରକଳ୍ପରେ କାମ କରି ନ ଥିବା ବ୍ୟକ୍ତିଙ୍କ ଆକାଉଣ୍ଟରେ ଟଙ୍କା ପଡି ଥିବା ନେଇ ସେମାନେ ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଅମ୍ବୁଡସମ୍ୟାନ ହନୁମାନ ହୀରାପୁର ପଞ୍ଚାୟତ ଗସ୍ତରେ ଆସି ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ପିଇଓ ହୁତାଶନ ସୁନା, ଜିଆରଏସ୍ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଶ୍ରମିକମାନଙ୍କୁ ପଚରାଉଚରା କରିଥିଲେ । ପରେ ମାଣ୍ଡିଆପଦର ଗାଁରେ ହୋଇଥିବା ପାଣ୍ଡେପରା–ମହୁଲବୁରଇ ରାସ୍ତା, ଗାଁର କଟାଁ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଅବସରରେ ସ୍ଥାନୀୟ ୱାର୍ଡସଭ୍ୟ କଇଁରୁ ସାହୁ କିଛିଦିନ ତଳେ ଗ୍ରାମର ତେନ୍ତୁଳିମୁଣ୍ଡାରେ ରାତିଅଧିଆ ଜେସିବିରେ କାମ କରାଯାଇଥିବା ଅଭିଯୋଗ କରିଥିଲେ। ହେଲ ତଦନ୍ତ ଅଧିକାରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ୱାର୍ଡସଭ୍ୟ ସାହୁ କହିଛନ୍ତି।


ଅମ୍ବୁଡସମ୍ୟାନ ପଞ୍ଚାୟତ ପରିସରରେ ତଦନ୍ତ କରୁଛନ୍ତି।

# ଯୋଗାଣ ସହାୟକ, ପିଏଙ୍କଠାରୁ ଟଙ୍କା ଅସୁଲ ନିର୍ଦ୍ଦେଶ

**ଧରିତ୍ରୀ ପ୍ରଭାବ**

**■ଝାରମୁଣ୍ଡା ପଞ୍ଚାୟତ: ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଣ ଘଟଣା**

ଲୋଇସିଂହା,୫।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତରେ ସାମାଜିକ ନିରାପତ୍ତା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତର ଅନେକ ମୃତ ବ୍ୟକ୍ତିଙ୍କ ନାମରେ ବର୍ଷବର୍ଷ ଧରି ଭତ୍ତା ଟଙ୍କା ହଡ଼ପ ହେଉଥିବା ନେଇ ନବ ନିର୍ବାଚିତ ସରପଞ୍ଚ ବନୀତା ମେହେର ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ଜିଲା ପ୍ରଶାସନ ଗୁରୁତର ଭାବେ ନେଇ ତଦନ୍ତ କରିଥିଲା। ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଦୁଇଜଣ କର୍ମଚାରୀ କୌଶଳ କରି ଟଙ୍କା ହଡ଼ପ କରିଥିବା ପ୍ରମାଣିତ ହୋଇଛି। ସମ୍ପୃକ୍ତ ଦୁଇ କର୍ମଚାରୀ ହେଲେ ପଞ୍ଚାୟତର ଯୋଗାଣ ସହାୟକ ହେମନ୍ତ ସାହୁ ଓ ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ(ପିଏ) ଶ୍ରୀକାନ୍ତ ଗଡତ୍ୟା। ସେମାନଙ୍କଠାରୁ ସୁଧ ସହ ୪ଲକ୍ଷ ୧୭ହଜାର ୮ ଶହ ଟଙ୍କା ଅସୁଲ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବିଡିଓଙ୍କୁ ଉପଜିଲାପାଳ ଲମ୍ବୋଦର ଧରୁଆ ନିର୍ଦ୍ଦେଶ ଦେଇଛନ୍ତି।

ଝାରମୁଣ୍ଡା, ମନସାପାଲି, ପରଧିଆପାଲି, ଲୁଚକିବାହାଲ, ଆମ୍ବପାଲିକୁ ନେଇ ଝାରମୁଣ୍ଡା ପଞ୍ଚାୟତ। ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନା ଓ ଏନଏସଏପି ଯୋଜନାରେ ୫୬ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଇ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ନବ ନିର୍ବାଚିତ ସରପଞ୍ଚ ମେହେରଙ୍କ ଅଭିଯୋଗ ପରେ ବିଧାୟକ ମୁକେଶ ମହାଲିଙ୍ଗ ମେ ୪ ତାରିଖରେ ଅନୁଷ୍ଠିତ ପଞ୍ଚାୟତ ସମିତିର ପ୍ରଥମ ବୈଠକରେ ଏହି ପ୍ରସଙ୍ଗ ଉଠାଇଥିଲେ। ମେ ୬ ଓ ୨୭ରେ ଧରିତ୍ରୀରେ ଏହି ଖବର ପ୍ରକାଶ ପାଇଥିଲା। ଏହାପରେ ଉପଜିଲାପାଳ ତତ୍ପରତା ଦେଖାଇ ସିଡିପିଓଙ୍କୁ ମୃତବ୍ୟକ୍ତିଙ୍କ ତାଲିକା ମାଗିବା ସହ ବିଡିଓ ଏବଂ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀଙ୍କୁ ସପ୍ତାହକ ମଧ୍ୟରେ ଭତ୍ତା ବଣ୍ଟନ ରେଜିଷ୍ଟ୍ରାର ଜବତ କରି ଉପଜିଲାପାଳଙ୍କ ଅଫିସରେ ଦାଖଲ କରିବାକୁ ନିର୍ଦ୍ଦେଶ କରିଥିଲେ। ତଦନ୍ତରେ ମୃତ ଏବଂ ଦୀର୍ଘଦିନରୁ ଅନୁପସ୍ଥିତ ଥିବା ମଧୁବାବୁ ପେନସନ ଓ ଏନଏସଏପି ଯୋଜନା ହିତାଧିକାରୀ ଭତ୍ତା ଟଙ୍କା ଦାୟିତ୍ୱରେ ଥିବା କର୍ମଚାରୀ ହଡପ କରିଥିବା ପ୍ରମାଣିତ ହୋଇଥିଲା । ସେହି ସମୟରେ ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତର ଯୋଗାଣ ସହାୟକ ହେମନ୍ତ ସାହୁଙ୍କଠାରୁ ୩ ଲକ୍ଷ ୧୭ ହଜାର ୮ ଶହ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଗଡତ୍ୟାଙ୍କଠାରୁ ୯୯ ହଜାର ଟଙ୍କା ସୁଧ ସହ ଅସୁଲ ପାଇଁ ଉପଜିଲାପାଳ ପତ୍ରସଂଖ୍ୟା ୧୮୨୯/ ତା୩୦।୬।୨୨ ରିଖରେ ଜଣାଇଛନ୍ତି।

### ସାର ଦୋକାନ ଉପରେ ପ୍ରଶାସନର ସଚେତନତା

ସିନାପାଲି,୫।୭(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକରେ ଥିବା ବିଭିନ୍ନ ସାର ଦୋକାନକୁ ବ୍ଲକ ପ୍ରଶାସନ ଯାଇ ସଚେତନତା କରିଥିବା ଜଣାପଡିଛି। ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସାର ଦୋକାନରେ କିଭଳି ଭାବେ ବେଆଇନ ଦରବୃଦ୍ଧି ଓ ଖରାପ ସାର ନ ବିକ୍ରି କରିବାକୁ ତହସିଲଦାର ଲୋକନାଥ ଶବରଙ୍କ ନେତୃତ୍ୱରେ ଏକ ଟିମ ନିଲଜି ଚଟିଆଗୁଡା ସମେତ ଅନ୍ୟ ଗ୍ରାମକୁ ଯାଇ ସାର ଦୋକାନରେ ସଚେତନତା କରିଛନ୍ତି। ସିନାପାଲି ଅଞ୍ଚଳରେ ବେନିୟମ ଭାବେ ଅନେକ ଅସାଧୁ ବ୍ୟକ୍ତି ସାର ଆଣି ଚଢ଼ା ଦରରେ ବିକ୍ରି କରିଥାନ୍ତି। ଚାଷୀମାନେ ସଚେତନତା ହେବା ପାଇଁ ବ୍ଲକ ପ୍ରଶାସନ ଏହି ପଦକ୍ଷେପ ନେଇ ଚାଷୀ କଭଳି ଉଚିତ୍ ମୂଲ୍ୟରେ ସାର ପାଇପାରିବେ ସେ ନେଇ ସଚେତନତା କରିଛନ୍ତି। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଶୁଭ୍ରାଂଶୁ ମେହେର, ବ୍ଲକ ଯୋଗାଣ ଅଧିକାରୀ ଅଲେଖ ଭୋଇ, ଥାନା କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

# ୮ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ


ଜଣେ ଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ବକ୍ତବ୍ୟ ରଖୁଛନ୍ତି।

ଲୋଇସିଂହା,୫।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଡିଆ ସାହିତ୍ୟ ଏକାଡେମୀର ସ୍ୱନକ୍ଷେତ୍ର ଉପଲକ୍ଷେ ଜିଲାପାଳଙ୍କ ସ୍କୁଲସ୍ତରୀୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀତାକୁ ବ୍ଲକଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରା ଉଦ୍‌ଘାଟନ କରିଥିଲେ। ବ୍ଲକରୁ ୮ ଜଣ କୃତୀ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଓଡିଆ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ଓ ଇଂଲିଶରୁ ଓଡିଆ ଅନୁବାଦ ପ୍ରତିଯୋଗୀତା କନିଷ୍ଠ ଓ ବରିଷ୍ଠ ବର୍ଗରେ କରାଯାଇଥିଲା। ପ୍ରବନ୍ଧ କନିଷ୍ଠ ବର୍ଗରେ ଝାରମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ର ଓ ବରିଷ୍ଠ ବର୍ଗରେ ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ସ୍ନେହା ମେହେର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବକ୍ତୃତାରେ ଆଦର୍ଶ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ର ଅଭିନବ ମିଶ୍ର ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ମନୋନିକା ରାଉତ, କବିତା ଆବୃତିରେ ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଇନ୍ଦ୍ରାକ୍ଷୀ ସରାଫ ଓ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ନବମ ଶ୍ରେଣୀ କୁସୁମମରୀ ବିଶ୍ୱାଳ ମନୋନୀତ ହୋଇଛନ୍ତି। ସାଧାରଣ ଜ୍ଞାନ ଓ ଅନୁବାଦରେ ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ସ୍ୱରୂପଶେଖର ବହିଦାର ଓ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ରୀମା ନନ୍ଦଙ୍କୁ ମନୋନୀତ କରାଯାଇଛି । ଏବିଓ ଟଙ୍କଧର ଭୋଇ, ବ୍ୟାସଦେବ ରାଏ ଓ ସିଆରସିମାନେ ପ୍ରତିଯୋଗୀତା ପରିଚାଳନା କରିଥିଲେ ।

# ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଅ


ମୁଖ୍ୟ ଅତିଥି ଚାରା ରୋପଣ କରୁଛନ୍ତି।

**ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ**

ଲୋଇସିଂହା,୫।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ବିଭାଗ ପକ୍ଷରୁ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି । ପ୍ରିନ୍ସିପାଲ ସସ୍ମିତା ଧରୁଆ ସଭାରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ମୁଖ୍ୟ ଅତିଥି, ରେଞ୍ଜ ଅଫିସର ପାଉଲ ହରପାଲ, ଫରେଷ୍ଟର ସୁନୀଲ ମିଶ୍ର ଗାର୍ଡ ଚିନ୍ମୟ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ମହାନ୍ତି ଛାତ୍ରୀଛାତ୍ରଙ୍କୁ ବନମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜଙ୍ଗଲ କ୍ଷୟକୁ ରୋକିବା ସହ ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ଚାରା ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ସଂକଳ୍ପ ନେବାକୁ କହିଥିଲେ। ଅନୁଷ୍ଠାନ ପରିସରରେ ମୁଖ୍ୟଅତିଥି, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବନ କର୍ମଚାରୀ ଚାରାରୋପଣ କରିଥିଲେ। ପରବର୍ତ୍ତୀ ସମୟରେ ବିଦ୍ୟାଳୟକୁ ଆହୁରୀ ଚାରା ଯୋଗାଇ ଦେବାକୁ ବନ ଅଧିକାରୀ କହିଥିଲେ।

# ଫିଲିଂ ବେଳେ ନାଇଟ୍ରୋଜେନ୍ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ

**୩ ଶ୍ରମିକ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି**

ବଲାଙ୍ଗୀର ଅଫିସ, ୫।୭

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଭୁଡିଆରବାହାଲ ଗାଁର ଏକ କ୍ରଶରରେ ମଙ୍ଗଳବାର ସିଲିଣ୍ଡରରୁ ନାଇଟ୍ରୋଜେନ୍ ଗ୍ୟାସ୍ ଅନ୍ୟ ଏକ ସିଲିଣ୍ଡରକୁ ନିଆଯାଉଥିବାବେଳେ ବିସ୍ଫୋରଣ ଘଟିଥିଲା। ଏହି ସମୟରେ ସେଠାରେ କାମ କରୁଥିବା ୩ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିକାଶ କୁମାର ପାତ୍ର (୩୫), ବାପି ବାଗ୍‌ଡି (୩୭) ଏବଂ ରାଜୀବ ବାଗଡି (୨୦)। ଆହତ ଶ୍ରମିକଙ୍କ ଘର ପଶ୍ଚିମବଙ୍ଗ ବୋଲି ଜଣାପଡ଼ିଛି। ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ଆହତମାନଙ୍କ ମଧ୍ୟରୁ ବାପିଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି। ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଷ୍ଟୋନ୍ କ୍ରଶରରେ ପଥର ଫଟାଇବା ପାଇଁ ଆବଶ୍ୟକ ପ୍ରେସର ଲାଗି ନାଇଟ୍ରୋଜେନ୍ ଗ୍ୟାସ୍ ବ୍ୟବହାର କରାଯାଇଥାଏ। ସିଲିଣ୍ଡରରେ ନାଇଟ୍ରୋଜେନ୍ ଗ୍ୟାସ୍ ଫିଲିଂ ବେଳେ ତାହା ଲିକ୍ ହେବାରୁ ବିସ୍ଫୋରଣ ଘଟିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନାହିଁ।


ଗୁରୁତର ଶ୍ରମିକଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଣାଯାଇଛି।

# ବ୍ୟାପକ ବନୀକରଣ ଉପରେ ଗୁରୁତ୍ୱ

ଖପ୍ରାଖୋଲ, ୫।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଗାଁ ଆଶ୍ରମ ବିଦ୍ୟାଳୟ ପରିସରରେ ବନମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହରିଶଙ୍କର ବନପାଳ ଅରବିନ୍ଦ ଧରୁଆ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ,ସମ୍ମାନିତ ଅତିଥି ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୂପିନ୍ଦ୍ର ବନଗୁଲା, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ଆମ ଜଙ୍ଗଲ ଯୋଜନା ଟିମ ଲିଡ଼ର ସଞ୍ଜୀବ ପଣ୍ଡା, ଆମ ଜଙ୍ଗଲ ଯୋଜନା ଡିଓ ତହସିଲ ବାଗ, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ଉମାକାନ୍ତ ପଧାନ, ଭୈରବୀ କ୍ଲବ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଚାରାରୋପଣ ଓ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଖେଳ ପଡ଼ିଆ ଚାରି ପାଖ ଏବଂ ବିଦ୍ୟାଳୟ ପରିସରେ ଚାରା ରୋପଣ କରାଯାଇଥିଲା।



ତୁର୍ଲା ଆଶ୍ରମ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ଛାତ୍ରଙ୍କ ପାଠପଢ଼ା ପରଖିଲେ ଜିଲାପାଳ

**ବାର୍ଦ୍ଧକ୍ୟ ଆବାସ ଅନ୍ତେବାସୀଙ୍କ ସମସ୍ୟା ପଚାରି ବୁଝିଲେ**

ଦେଓଗାଁ,୫।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକକୁ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣା ଗସ୍ତ କରିଥିଲେ। ସାଲେପାଲି ଜଗତବନ୍ଧୁ ବିଶ୍ୱାଭାରତୀ ଶିକ୍ଷାନିକେତନକୁ ଯାଇ ଆବାସିକଭାବେ ରହୁଥିବା ଅନ୍ଧ, ମୂକ, ବଧିର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପରଖିଥିଲେ। ସେମାନଙ୍କ ଗୀତ, ନୃତ୍ୟ, ବାଦ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ। ପରେ ଉକ୍ତ ଅନୁଷ୍ଠାନ ଅନ୍ତର୍ଭୁକ୍ତ ବାର୍ଦ୍ଧକ୍ୟ ଆବାସକୁ ଯାଇ ବୃଦ୍ଧାବୃଦ୍ଧ ଅନ୍ତେବାସୀଙ୍କୁ ଭେଟି ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ଡାକି ଯେଉଁ ବୃଦ୍ଧାବୃଦ୍ଧଙ୍କ ଜମି ରହିଛି ଓ ସେମାନଙ୍କ ପୁଅଝିଅ ପଚାରୁନାହାନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ସମସ୍ତ ଅନ୍ତେବାସୀଙ୍କ ଭତ୍ତା ଆବାସରେ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପୁଅଝିଅ ତାଙ୍କ ବାପା ମାଙ୍କୁ ହତାଦର କରୁଛନ୍ତି ସେମାନେ ପୈତୃକ ସମ୍ପତ୍ତି ନେବାର କୌଣସି ଅଧିକାର ନାହିଁ ବୋଲି କହିଥିଲେ। ପରେ ସ୍ଥାନୀୟ ଶିକ୍ଷକ ଶିକ୍ଷା ତାଲିମକେନ୍ଦ୍ର ପରିସରରେ ଛାତ୍ରୀଛାତ୍ର, ବନକର୍ମଚାରୀ ଗହଣରେ ବିଭିନ୍ନ ଫଳବୃକ୍ଷର ଚାରା ରୋପଣ କରିଥିଲେ । ଗଛ ଲଗାଇ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାପାଇଁ ଆହ୍ୱାନ ଦେଇଥିଲେ। ଗସ୍ତ ଅବସରରେ ସାଲେପାଲି ଗ୍ରାମରେ ସ୍ୱୟଂ ସହାୟକ ଦଳର ଦ୍ୱାରା ଚାଲିଥିବା ହସ୍ତତନ୍ତ କ୍ଷେତ୍ର ପରିଦର୍ଶନ କରିଥିଲେ। ପରେ ମୁଣ୍ଡପଲାଠାରେ ଅନୁଷ୍ଠିତ ଦୁଗ୍ଧଚାଷୀଙ୍କ ପାଇଁ ଦିନଟିଏ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଅଞ୍ଚଳର ସଫଳ ଚାଷୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ବିଡିଓ ରାମଦତ୍ତ ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ ବାଗ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ, ଜିଲା ପରିଷଦ ସଭ୍ୟା ସୁମତି ସେଠ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସ୍ଥାନୀୟ ସରପଞ୍ଚ ବଲ୍ଲଭି ସାହୁ, ତାଲିମକେନ୍ଦ୍ର ଅଧକ୍ଷ ଡ. ସୁଧାଂଶୁ ଭୂଷଣ ମେହେର ତଥା କର୍ମଚାରୀ ଉପସ୍ଥିତ ଥିଲେ।


ସାଲେପାଲି ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

## କୈବର୍ତ୍ତ ସମାଜର ଘାଟପୂଜା

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ସୋନଗଡ ନଦୀକୂଳରେ କୈବର୍ତ୍ତ ସମାଜର ଘାଟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ସୁଶାନ୍ତ କୁମାର ବୁଡେକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ନରସିଂହ ଦଣ୍ଡସେନା, ଭାସ୍କର ମଲ୍ଲିକ ଓ କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ଦଣ୍ଡସେନା ଅତିଥି ଭାବେ ଯୋଗଦେଇଥିଲେ। ପରମାନନ୍ଦ ନାଏକ ପୂଜକ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଦସ୍ୟ ଯୋଗଦେଇଥିଲେ ।

## ସଂକ୍ଷେପରେ

### ମା'ଙ୍କୁ ହତ୍ୟା ଉଦ୍ୟମ, ପୁଅ ଗିରଫ

ଅତାବିରା,୫।୭(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅଧୀନ କାଦୋବାହାଲ ମଦଭାଟି ନିକଟ ଚମାରପଡ଼ାରେ ଏକ ଧାରୁଆ ଅସ୍ତ୍ରରେ ମା'ଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ପୁଅକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋବିନ୍ଦ ରୋହିଦାସ। ତାଙ୍କ ବିରୋଧରେ ଦଫା ୩୦୭, ୨୯୫, ୪୯୮(ଏ), ୨୨୩ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଗୋବିନ୍ଦ ଏବଂ ତାଙ୍କ ମା' ତପଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା । ଏହାପରେ ଗୋବିନ୍ଦ ଏକ ଧାରୁଆ ଅସ୍ତ୍ର ଆଣି ନିଜ ମା'ଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ତପ ଏତଲା ଦେବା ପରେ ଗୋବିନ୍ଦଙ୍କୁ ଗିରଫ କରାଯାଇଛି ବୋଲି ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗ ସୂଚନା ଦେଇଛନ୍ତି ।

### ଚିତ୍ରଶିଳ୍ପୀଙ୍କ ପରଲୋକ

ପଦ୍ମପୁର,୫।୭(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ଗ୍ରାମର ବିଶିଷ୍ଟ ଚିତ୍ରଶିଳ୍ପୀ ଫକୀର ପୃଷ୍ଟିଙ୍କର ପରଲୋକ ହୋଇଛି। ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ବରଗଡ ଯାଉଥିବା ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ଦୁଇ ପୁଅ ହିତେଶ ଓ ନିକାଶ। ବଡପୁଅ ଜଣେ ବାଦ୍ୟକଳାକାର ଭାବେ ଓଡିଶାର ପୁରପଲ୍ଲୀରେ ପରିଚିତ। ଅଙ୍ଗ ନଦୀ କୂଳ ଶ୍ମଶାନରେ ଫକୀରଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ବଡପୁଅ ହିତେଶ ମୁଖାଗ୍ନି ଦେଇଥିଲେ। ଚିତ୍ରଶିଳ୍ପୀଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ବନ ମହୋତ୍ସବରେ ୨୫୦ ଚାରାରୋପଣ

ଅମ୍ବାଭୋନା,୫।୭(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲେଲେହର ଖେଳ ପଡ଼ିଆରେ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ୨୫୦ ବୃକ୍ଷଚାରା ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟ ଅତିଥି, ପ୍ରକୃତି ବନ୍ଧୁ ଭୈରବ ପାତ୍ର, ସରପଞ୍ଚ ହୀରାଧର ସାହୁ, ଫରେଷ୍ଟର ସଞ୍ଜୀବ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବନ ସୁରକ୍ଷା ସମିତିର ସଦସ୍ୟ, ଏସ୍‌ଏଚ୍‌ଜି ସଦସ୍ୟା, ଚଣ୍ଡିପାଲି ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଞ୍ଚଳର ସ୍ୱେଚ୍ଛାସେବୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ବନ ବିଭାଗ ପକ୍ଷରୁ ବୃକ୍ଷରୋପଣର ଆବଶ୍ୟକତା ଉପରେ ସଚେତନତା ସଭା ହୋଇଥିଲା।

### ବୃକ୍ଷ ସୁରକ୍ଷା ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

ମୁରିବାହାଲ,୫।୭(ଡ.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ସାମୂହିକ ବନୀକରଣ କାର୍ଯ୍ୟକ୍ରମ କଲେଜ ପରିସରରେ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସରୋଜ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁରିବାହାଲ ରେଞ୍ଜର ଲିଙ୍ଗରାଜ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷାରେ ଯୁବପୀଢିରେ ଭୂମିକା ଉପରେ କହିଥିଲେ। ସମ୍ମାନୀତ ଅତିଥିଭାବେ ଫରେଷ୍ଟର ପୁଷ୍ପାଞ୍ଜଳି ଯୋଶୀ, ରଞ୍ଜିତ କୁମାର ସିଂଦେଓ, ଅଧାପକ ପୂର୍ଣ୍ଣଚନ୍ଦ୍ର ପଧାନ, ସୋମେଶଦତ୍ତ ହୋତା, ଗୁଣସାଗର ମେହେର ପ୍ରମୁଖ ଯୋଗଦେଇ ଅଧିକରୁ ଅଧିକ ଗଛ ଲଗାଇ ବିଦ୍ୟାର୍ଥୀମାନେ ଜଳବାୟୁର ଭାରସାମ୍ୟ ରକ୍ଷା କରିବାରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବୃକ୍ଷ ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। ଅଧାପକ ଦିଲୀପ କୁମାର ପଶାୟତ ଶପଥ ପାଠ କରାଇଥିଲେ।

# ଶତପ୍ରତିଶତ ହେଲ୍‌ମେଟ୍ ବ୍ୟବହାରକୁ ଗୁରୁତ୍ୱ

ସୋନପୁର,୫।୭(ନି.ପ୍ର.)


ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ଏସପି ଓ କମିଟିର ସଭ୍ୟ ବୃନ୍ଦ।

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ସଡକ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଛି। କେତେକାଂଶରେ ଏହାଦ୍ୱାରା ସଫଳତା ମିଳିଛି। ତେବେ ଜନସଚେତନତା ସୃଷ୍ଟି ସତ୍ତ୍ୱେ କିଛି ବାଇକ୍ ଚାଳକ ଏହି ନିୟମ ମାନୁ ନାହାନ୍ତି। ଗ୍ରାମାଞ୍ଚଳରେ ବାଇକ୍ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୬ ମାସରେ ଜିଲାରେ ୭୫ଟି ଦୁର୍ଘଟଣା ହୋଇଥିବା ବେଳେ ୪୬ ଜଣଙ୍କ ମୃତ୍ୟୁ ହୋଇଛି। ବାଇକ୍ ଆରୋହି ଓ ପଛରେ ବସି ଥିବା ବ୍ୟକ୍ତି ହେଲମେଟ୍ ପରିଧାନ ନ କରିବା କାରଣରୁ ଦୁର୍ଘଟଣାରେ ଜୀବନହାନି ଘଟୁଛି। ତେଣୁ ଜିଲାର ଶତ ପ୍ରତିଶତ ବ୍ୟକ୍ତି ଯେଉଁଭଳି ହେଲମେଟ୍ ପରିଧାନ କରିବେ ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଜୁଲାଇ ମାସ ତୃତୀୟ ସପ୍ତାହ ଶନିବାର ଓ ରବିବାର ସମସ୍ତଙ୍କୁ ହେଲମେଟ୍ ପରିଧାନ ପାଇଁ ସଚେତନ କରାଯିବ। ଜିଲାସ୍ତରରେ ଏହି ଦୁଇ ଦିନ ଶତ ପ୍ରତିଶତ ହେଲମେଟ୍ ଦିବସ ଭାବେ ପାଳନ କରାଯିବାକୁ ସ୍ଥିର ହୋଇଛି । ଏଥିପାଇଁ ସମସ୍ତଙ୍କ ସହଯୋଗରେ ବାଇକ୍ ରାଲି ଆୟୋଜନ କରାଯିବ। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ହେଲମେଟ୍ ବ୍ୟବହାର କରୁ ନଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିରେ ବ୍ୟତିକ୍ରମ ହେଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି । ପୋଲିସ ଓ ପରିବହନ ବିଭାଗ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡାକଡି କରିବା, ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡକ ସଚେତନତା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା । ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ଓ କାରଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଦ୍ରୁତ ଗତିରେ ଗାଡିଚାଳନା, ତିନି ଜଣ ବସିଥିବା ବାଇକ୍ ଚାଳକ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅମରେଶ କୁମାର ପଣ୍ଡା କହିଥିଲେ। ଗତ ୬ ମାସରେ ବିନା ହେଲମେଟ୍‌ରେ ଗାଡିଚାଳନା ସଂକ୍ରାନ୍ତ

### ଗ୍ରାମାଞ୍ଚଳରେ ବୃଦ୍ଧି ପାଉଛି ବାଇକ୍ ଦୁର୍ଘଟଣା

୧୨୩୯ ମାମଲାରୁ ୪୯୨ ଜଣଙ୍କ ଗାଡିଚାଳନା ପ୍ରମାଣପତ୍ର ନିଲମ୍ବନ କରାଯାଇଛି । ସେହିପରି ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ୨୦୮ ଜଣଙ୍କ, ମୋବାଇଲ ଫୋନ୍ ବ୍ୟବହାର କରି ଡ୍ରାଇଭିଂ ପାଇଁ ୩୬ ଜଣଙ୍କ ଓ ମଦ୍ୟପାନ କରି ଗାଡି ଚାଳନା କରୁଥିବା ୫୨ ଜଣଙ୍କ ଗାଡିଚାଳନା ପ୍ରମାଣପତ୍ର ନିଲମ୍ବନ କରା ଯାଇଥିବା ସୂଚନା ଦିଆଯାଇଛି। ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଜିଲା ସଡକ ସୁରକ୍ଷା କମିଟି ସଦସ୍ୟ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ପୁରୁଷୋତ୍ତମ ପାଣିଗ୍ରାହୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପଦ୍ମହଂସା ଦୋରା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କ୍ରୀଡାବିତ୍।

ସୋନପୁର,୫।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଗାନ୍ଧୀ ପଡିଆରେ ଦୁଇଦିନିଆ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ବରଗଡ ଓ ନୂଆପଡା ଆଦି ୭ଟି ଜିଲାର ୫୦ଜଣ କ୍ରୀଡାବିତ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ଲକସ୍ତରରୁ ପୂର୍ବରୁ ଚୟନ ହୋଇଥିବା ୯ରୁ ୧୫ ବର୍ଷ ବୟସର କ୍ରୀଡାବିତ୍‌ଙ୍କ ଏଠାରେ କବାଡି ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା କ୍ରୀଡାବିତ୍‌ଙ୍କ ପ୍ରତିଭା ଚୟନ କରାଯାଇଥିଲା। ଶାରୀରିକ ଶିକ୍ଷା ନୀରିକ୍ଷକ ଦୁର୍ଯ୍ୟୋଧନ ରାଉତଙ୍କ ନେତୃତ୍ୱରେ କ୍ରୀଡା ଶିକ୍ଷକ ରଘୁନାଥ ଥନାପତି, ସତ୍ୟନାରାୟଣ ତ୍ରିପାଠୀ, ପଦ୍ମିନୀ ସାହୁ, ସନ୍ଧ୍ୟାରାଣୀ ଖେତି, ସଞ୍ଜୟ କୁମାର ସାହୁ, ମହମ୍ମଦ କଲିମ ଓ ଶ୍ୟାମସୁନ୍ଦର ନାଏକ ପ୍ରମୁଖ କ୍ରୀଡାବିତ୍‌ଙ୍କ ଦକ୍ଷତାର ପରୀକ୍ଷା କରିଥିଲେ। ମଙ୍ଗଳବାର ସୁବର୍ଣ୍ଣପୁର ଜିଲାର କ୍ରୀଡାବିତ୍‌ଙ୍କ ମଧ୍ୟରେ ସୁଇମିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ବରପାଳି ଡାକ୍ତରଖାନା ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ

ବରପାଲି,୫।୭(ଡି.ଏନ.ଏ.)

ବରପାଲି ସରକାରୀ ଡାକ୍ତରଖାନା ଏବେ ନାନା ସମସ୍ୟା ଦେଇ ଗତି କରୁଛି। ଏଠାରେ ବହୁ ଡାକ୍ତର, ବିଶେଷଜ୍ଞ ପଦବୀ ଖାଲି ପଡିଛି। ଡାକ୍ତରଖାନାକୁ ଅସ୍ଥାୟୀ ଭାବେ ଡାକ୍ତର ଆସୁଛନ୍ତି। ନର୍ସ ଫାର୍ମାସିଷ୍ଟ ଓ କର୍ମଚାରୀ ପଦବୀ ମଧ୍ୟ ପୂରଣ ହୋଇପାରୁନାହିଁ। ବରପାଲି ଡାକ୍ତରଖାନା ଉପରେ ବରପାଲି ବ୍ଲକ ସମେତ ସୁବର୍ଣ୍ଣପୁର ଜିଲାର ରାମପୁର ଓ ଡୁଙ୍ଗୁରିପାଲି ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଡାକ୍ତରଖାନାରେ ଏସବୁ ସମସ୍ୟା ଯୋଗୁ ରୋଗୀ ସେବା ବ୍ୟାହତ ହେଉଛି। ଏହି ସମସ୍ୟାଗୁଡିକର ସମାଧାନ ଦାବିରେ ମଙ୍ଗଳବାର ବରଗଡ଼ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ ଗାନ୍ଧୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବରପାଲି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିୟମିତ ଡାକ୍ତର ନିଯୁକ୍ତି, ରକ୍ତଭଣ୍ଡାର ଖୋଲିବା, ଏକ୍ସ-ରେ ମେଶିନ କାର୍ଯ୍ୟକ୍ଷମ, ଡାକ୍ତରଖାନା ପରିସର ଶୌଚାଳୟ କାର୍ଯ୍ୟକ୍ଷମ, ଦିବାରାତ୍ର ଔଷଧ ବିତରଣ କେନ୍ଦ୍ର ଖୋଲିବା, ରୋଗୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ ଆଦି ଦାବି ରହିଛି। ସେହିପରି ବରପାଲି ବ୍ଲକର ଆଗଲପୁର ଡାକ୍ତରଖାନାରେ ଜୀବନ ରକ୍ଷାକାରୀ ଔଷଧ ସହ ଆମ୍ବୁଲାନ୍ସ ଯୋଗାଇବା ପାଇଁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ହାରାଧନ ମେହେର, ସରୋଜ ଭୋଇ, ବରୁଣ ସାଗର, ସଦାନନ୍ଦ ମହାନନ୍ଦ, ଯୋଗେଶ ବେହେରା, ସୁରେନ୍ଦ୍ର ମେହେର, ଚୈତନ୍ୟ, ଦିବ୍ୟ ଦୀପ ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ବିକ୍ଷୋଭ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ କଂଗ୍ରେସ କର୍ମକର୍ତ୍ତାବୃନ୍ଦ।

# ଛାତ୍ରାବାସ 'ଲକ୍ଷ୍ୟ' ଉଦ୍‌ଘାଟିତ


ସ୍କୁଲର ପ୍ରତିଷ୍ଠାତ୍ରୀ ଛାତ୍ରାବାସକୁ ଉଦ୍‌ଘାଟନ କରୁଛନ୍ତି ।

ବରଗଡ଼ ଅଫିସ୍,୫।୭

ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଛାତ୍ରଙ୍କ ପାଇଁ ୪ମହଲା ବିଶିଷ୍ଟ ଏକ ଶୀତତାପ ନିୟନ୍ତ୍ରିତ ଛାତ୍ରାବାସ 'ଲକ୍ଷ୍ୟ' ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡ଼ିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ବବିତା ସାୱଡ଼ିଆ, ସିଦ୍ଧାର୍ଥ ସାୱଡ଼ିଆ, ଏକାଡ଼େମିକ କୋ-ଅର୍ଡ଼ିନେଟର ସୀମା ସାହୁ, କୋ-ଅର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରାବାସ ଅନ୍ତେବାସୀ, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।

# ନେଷ୍ଟ ପରୀକ୍ଷାରେ ବିକାଶର ସଫଳତା

ବରଗଡ଼ ଅଫିସ୍,୫।୭


ଅନ୍ୱେଷ ସାହୁ


ଅଭୟ ରଞ୍ଜନ ଦାଶ


ସାତ୍ତ୍ୱିକ ସଂକଳ୍ପ ଖମାରୀ

ବରଗଡ଼ ବିକାଶ ଶିକ୍ଷାନୁଷ୍ଠାନର ୨୨ଜଣ ଛାତ୍ରୀଛାତ୍ର ସଦ୍ୟ ପ୍ରକାଶ ପାଇଥିବା ନେଷ୍ଟ (ସିଇବିଏସ୍/ନାଇଜର୍) ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଅନ୍ୱେଷ ସାହୁ ସର୍ବଭାରତୀୟ ସାଧାରଣ ବର୍ଗରେ ୯୯.୫୩ ପ୍ରତିଶତ, ଅଭୟ ରଞ୍ଜନ ଦାଶ ୯୯.୨୭ ପ୍ରତିଶତ ରଖି ଏହି ସଫଳତା ପାଇଛନ୍ତି । ସେହିପରି ଓମ୍ କୁମାର ରଥ, ଓମ୍‌କାର ପଣ୍ଡା, ସାତ୍ତ୍ୱିକ ସଂକଳ୍ପ ଖମାରୀ, ପ୍ରଭୁ ପ୍ରୀତମ ପ୍ରଧାନ, ଅଂଶୁମାନ ସାହୁ, ଦେବବ୍ରତ ପଣ୍ଡା, ଚନ୍ଦନ ନନ୍ଦ, ତେଜରାଜ ସାହୁ, ଅର୍ପିତା ପଟେଲ, ସମ୍ବିତ ମଣ୍ଡଳ, କିରନ ଜ୍ୟୋତି ପଟେଲ, ଇ. ସାଇରାଜ ସରାବ, ଦିବ୍ୟଜ୍ୟୋତି ବେହେରା ଏଥିରେ କୃତିତ୍ୱ ଅର୍ଜନ କରିଛନ୍ତି। ସମସ୍ତ ୨୨ କୃତୀ ଛାତ୍ର ସର୍ବଭାରତୀୟ ୨୦୦୦ ର୍‍ୟାଙ୍କ ମଧ୍ୟରେ ସଫଳତା ହାସଲ କରିଥିବା ଯୋଗୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ଶିକ୍ଷାନୁଷ୍ଠାନକୁ ବିଶ୍ୱାସ କରିଥିବା ଅଭିଭାବକ, ଛାତ୍ରୀଛାତ୍ର, ଏବଂ ଅନୁଷ୍ଠାନର ବୋର୍ଡ଼,ଏଣ୍ଟ୍ରାନ୍ସ ପାଠ୍ୟଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିକାଶର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ବିବେକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପ୍ରତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ୫-ଟି ହାଇସ୍କୁଲରେ ଆଣ୍ଠୁଏ ପାଣି

ଜାମଟିକ୍ରା,୫।୭(ଡି.ଏନ.ଏ.)

ଛାତ୍ରୀଛାତ୍ରୀମାନଙ୍କୁ ଉନ୍ନତଧରଣର ଶିକ୍ଷାଦାନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ହାଇସ୍କୁଲଗୁଡିକର ରୂପାନ୍ତରୀକରଣ କରିଛନ୍ତି। କିନ୍ତୁ ଯେଉଁ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ତାହା ମୂଳଲକ୍ଷ୍ୟ ଠାରୁ ଦୂରେଇ ଯାଇଛି। ଅତାବିରା ବ୍ଲକରେ ସମୁଦାୟ ୧୭ଟି ୫-ଟି ହାଇସ୍କୁଲ ରହିଛି। ସେଥିମଧ୍ୟରୁ ଲରମ୍ବା ୫ଟି ହାଇସ୍କୁଲ ପରିସରରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି। ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଛାତ୍ରୀଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇ ଆଣ୍ଠୁଏ ପାଣିରେ ଯିବା ଆସିବା କରୁଛନ୍ତି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।


ପିଲାମାନେ ପାଣିରେ ଯାତାୟାତ କରୁଛନ୍ତି।

## ଫିଲିଂ ବେଳେ ନାଇଟ୍ରୋଜେନ୍ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ

### ୩ ଶ୍ରମିକ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

ବଲାଙ୍ଗୀର ଅଫିସ, ୫।୭

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଭୁଡିଆରବାହାଲ ଗାଁର ଏକ କ୍ରଶରରେ ମଙ୍ଗଳବାର ସିଲିଣ୍ଡରରୁ ନାଇଟ୍ରୋଜେନ୍ ଗ୍ୟାସ୍ ଅନ୍ୟ ଏକ ସିଲିଣ୍ଡରକୁ ନିଆଯାଉଥିବାବେଳେ ବିସ୍ଫୋରଣ ଘଟିଥିଲା। ଏହି ସମୟରେ ସେଠାରେ କାମ କରୁଥିବା ୩ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିକାଶ କୁମାର ପାତ୍ର (୩୫), ବାପି ବାଗ୍‌ଡି (୩୭) ଏବଂ ରାଜୀବ ବାଗଡି (୨୦)। ଆହତ ଶ୍ରମିକଙ୍କ ଘର ପଶ୍ଚିମବଙ୍ଗ ବୋଲି ଜଣାପଡ଼ିଛି। ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ଆହତମାନଙ୍କ ମଧ୍ୟରୁ ବାପିଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି। ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଷ୍ଟୋନ୍ କ୍ରଶରରେ ପଥର ଫଟାଇବା ପାଇଁ ଆବଶ୍ୟକ ପ୍ରେସର ଲାଗି ନାଇଟ୍ରୋଜେନ୍ ଗ୍ୟାସ୍ ବ୍ୟବହାର କରାଯାଇଥାଏ। ସିଲିଣ୍ଡରରେ ନାଇଟ୍ରୋଜେନ୍ ଗ୍ୟାସ୍ ଫିଲିଂ ବେଳେ ତାହା ଲିକ୍ ହେବାରୁ ବିସ୍ଫୋରଣ ଘଟିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନାହିଁ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବରଗଡ଼ ଅଫିସ୍,୫।୭

ରାଜ୍ୟର ଏକ ଘରୋଇ ଚ୍ୟାନେଲ ମୁଖ୍ୟ ସମ୍ପାଦକଙ୍କୁ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ଗିରଫ କରିବା ପ୍ରତିବାଦରେ ମଙ୍ଗଳବାର ବରଗଡ଼ର ବିଭିନ୍ନ ଅନୁଷ୍ଠାନ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ବରଗଡ଼ ଗାନ୍ଧୀମୂର୍ତ୍ତି ତଳେ ଜିଲାର ଖବରଦାତା, ସାମାଜିକ ସଙ୍ଗଠନ ଏବଂ ରାଜନୈତିକ ଦଳର ପ୍ରତିନିଧିମାନେ ପ୍ରତିବାଦ ସଭା କରିଥିଲେ। ସଭା ପରେ ସେମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼(ଜାବ୍)ର ସଭାପତି ରବି ନାରାୟଣ ପଣ୍ଡା, ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

ଅମ୍ବାଭୋନା,୫।୭(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବିରେ ମଙ୍ଗଳବାର ଭାଜପା ପକ୍ଷରୁ ଧାରଣା ସହ ପ୍ରତିବାଦ ସଭା କରାଯାଇଥିଲା। ଦଳର ଭୁକ୍ତା ଜୋନ ସଭାପତି ପ୍ରହ୍ଲାଦ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଏମ୍‌ପି ସୁରେଶ ପୂଝାରୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ସୌରୀଚରଣ ବାରିକ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଜିଲା ଉପସଭାପତି ସୁଶାନ୍ତ ମିଶ୍ର, ଗୁନାରୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ନ ଥିବା ଏବଂ ରାତି ସମୟରେ ସ୍ୱାସ୍ଥ୍ୟସେବାରୁ ଅଞ୍ଚଳବାସୀ ବଞ୍ଚିତ ହେଉଥିବାରୁ ଦଳୀୟ କର୍ମୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କ୍ରମରେ ଦଳ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଟେମରାମ ଦେହେରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଧାରଣାରେ ବହୁ ଦଳୀୟ କର୍ମୀ ସାମିଲ ହୋଇଥିବାବେଳେ ଦିନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଚାଲିଥିଲା।


ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ।

## ଜଗନ୍ନାଥ ଗୋଷ୍ଠୀ ଗୃହ ଉଦ୍‌ଘାଟିତ

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଲ ବ୍ଲକ ଅନ୍ତର୍ଗତ ରାନିମୁଣ୍ଡାଠାରେ ନବନିର୍ମିତ ଜଗନ୍ନାଥ ଗୋଷ୍ଠୀ ଗୃହ ଉଦଘାଟିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ଗୋଷ୍ଠୀ ଗୃହ ମୁଖ୍ୟଅତିଥି ଭାବେ ଖଡିଆଲ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ତନୟା ଶବର, ଜିଲା ଛାତ୍ର ସଭାପତି ଅମିତ ସିଂଦେଓ, ଯୁବନେତା ଯୋଗେନ୍ଦ୍ର ପାଣ୍ଡେ, ମଞ୍ଜୁଳା ଶବର, କୃଷ୍ଣଚନ୍ଦ୍ର ଦାସ, ରିଖିରାମ ସଲମା ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଛୁରା ମାଡ଼ରେ ଯୁବକ, ନାବାଳିକା ଗୁରୁତର

ନୂଆପଡ଼ା ଅଫିସ,୫।୭: ନୂଆପଡା ସଦର ମହକୁମା ସାଲେଭଟା ଛକ ନିକଟରେ ଅଜଣା ବ୍ୟକ୍ତିଙ୍କ ଛୁରା ମାଡରେ ଯୁବକ ଓ ଜଣେ ନାବାଳିକା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯୁବକ ଜଣକ ସାଲେଭଟା ଗାଁର ଟେକରାମ କେଉଟ (୨୨) ଓ ଅନ୍ୟ ଜଣେ ନାବାଳିକା ବୋଲି ଜଣାପଡିଛି। ପ୍ରାପ୍ତ ସୂଚନାମତେ ସୋମବାର ରାତି ପ୍ରାୟ ୮ଟାରେ ସାଲେଭଟା ଛକ ନିକଟ ଏକ କଲଭର୍ଟରେ ୩ ଜଣ ମୁଖାପିନ୍ଧା ଯୁବକ ବସିଥିଲେ। ସେହି ରାସ୍ତା ଦେଇ ଟେକରାମ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଛୁରିରେ ଆକ୍ରମଣ କରିଥିଲେ। ଏକ କପଡା ଦୋକାନରୁ କାମ କରି ଘରକୁ ଫେରୁଥିବା ନାବାଳିକା ଦେଖି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଉଭୟେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଯାଇଥିଲେ। ପରିବାର ଲୋକେ ଖବର ପାଇ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଟେକରାମଙ୍କ ପେଟ, ହାତ, ଗୋଡ ଓ ନାବାଳିକାର ହାତ, ଗୋଡରେ ଛୁରା ମାଡ ହୋଇଛି। ନାବାଳିକା ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଟେକରାମ ଚିକିତ୍ସିତ ହେଉଛନ୍ତି।

### ବାଇକ୍-ଟାଟା ମ୍ୟାଜିକ ଧକ୍କା, ୨ ଗୁରୁତର

ଲାଞ୍ଜିଗଡ,୫।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ଲାଞ୍ଜିଗଡ-ମୁନିଗୁଡା ରାସ୍ତାରେ ମଙ୍ଗଳବାର ବାଇକ୍ ଓ ଟାଟାମ୍ୟାଜିକ ମୁହାଁମୁହିଁ ଧକ୍କାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଛତ୍ରପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ରାଜ କୁମାର ସାହୁ (୩୮) ଓ ଡମ୍ବରୁଧର ସାହୁ (୩୦)। ଗୁରୁତର ୨ଜଣଙ୍କୁ ଲାଞ୍ଜିଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନ ୨ଟାରେ ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ରାଜ ଓ ଡମ୍ବରୁଧର ଏକ ବାଇକ୍ ଯୋଗେ ଲାଞ୍ଜିଗଡଠାରୁ ମୁନିଗୁଡା ପଟେ ଯାଉଥିଲେ। ଲାଞ୍ଜିଗଡ ବିଦେଶୀ ମଦ ଦୋକାନ ନିକଟରେ ମୁନିଗୁଡାପଟୁ ଆସୁଥିବା ଏକ ଟାଟାମ୍ୟାଜିକ ସହ ବାଇକ୍ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ୨ ଯୁବ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଜୁନାଗଡ,୫।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚେଁଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମର ସାମାଜିକ କର୍ମୀ କାମଦେବ ନାଏକ (୪୭)ଙ୍କ ମଙ୍ଗଳବାର ଚିକିତ୍ସାଧୀନ



ଅବସ୍ଥାରେ ବିଶାଖପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ହେଲା ଯକୃତ ଓ ଥାଇରଏଡ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। କାମଦେବ ଜଣେ ସାମାଜିକ କର୍ମୀ ହେବା ସହ ପରୋପକାରୀ ବ୍ୟକ୍ତି ଭାବେ ଗ୍ରାମରେ ବେଶ ଜଣାଶୁଣା ଥିଲେ। ତାଙ୍କ ପରଲୋକ ଖବର ଶୁଣି ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ଉପାଧକ୍ଷା ସୁଧୁରା ମେହେର, ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ପୂର୍ବତନ ବ୍ଲକ ଅଧକ୍ଷ ମନୋଜ ମେହେର, ସ୍ଥାନୀୟ ସରପଞ୍ଚ ପରମେଶ୍ୱର ମେହେର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଶେଷ ଦର୍ଶନ ସମୟରେ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ତହସିଲ, ସବ୍‌ରେଜିଷ୍ଟ୍ରାର ଅଫିସରେ ପୋଲିସ ତଦନ୍ତ

ବଲାଙ୍ଗୀର ଅଫିସ, ୫।୭



ବଲାଙ୍ଗୀର ତହସିଲ ଅଫିସରେ ସଦର ପୋଲିସ ତଦନ୍ତ ଆରମ୍ଭ କରି ଡକ୍ୟୁମେଣ୍ଟ ଯାଞ୍ଚ କରୁଛି।

**ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା**

- ଛୁଟିରେ ଗଲେ ତହସିଲଦାର
- ହ୍ୟାଣ୍ଡ ରାଇଟିଂ ବ୍ୟୁରୋ ପାଖକୁ ପଠାଯିବ ଡକ୍ୟୁମେଣ୍ଟ

ମୃତବ୍ୟକ୍ତିଙ୍କ ନାଁରେ ଜାଲ୍ କାଗଜପତ୍ର କରି ଜମି ହଡ଼ପ ମାମଲାରେ ଛନ୍ଦି ହୋଇଥିବା ବଲାଙ୍ଗୀର ତହସିଲଦାର ମଘବନ ବାଗ ସୋମବାରଠାରୁ ତିନିଦିନିଆ ଛୁଟି ନେଇ ଯାଇଛନ୍ତି। ମଙ୍ଗଳବାର ସଦର ପୋଲିସ ତହସିଲ ଅଫିସ୍ ଏବଂ ସବ୍‌ରେଜିଷ୍ଟ୍ରାର ଅଫିସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁଇ ଅଫିସରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫାଇଲ ତଦନ୍ତ ପାଇଁ ପୋଲିସ ଉଠାଇଛି। କିଛି ଫାଇଲକୁ ହ୍ୟାଣ୍ଡି ରାଇଟିଂ ବ୍ୟୁରୋକୁ ପଠାଯିବ ବୋଲି ଜଣାପଡ଼ିଛି। ଏହି ଫାଇଲଗୁଡ଼ିକରେ ଅଭିଯୁକ୍ତ ତହସିଲଦାର ବାଗ ଏବଂ ତତ୍କାଳୀନ ସବ୍‌ରେଜିଷ୍ଟ୍ରାର ପଦ୍ମନାଭ ପୁରୋହିତଙ୍କ କ'ଣ ଭୂମିକା ରହିଛି, ତାହା ଯାଞ୍ଚ କରାଯିବ।

ମଙ୍ଗଳବାର ସଦର ପୋଲିସ ଘଟଣା ସହ ସମ୍ପୃକ୍ତ ଅନ୍ୟ କେତେଜଣଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ସୋମବାର ସଦର ପୋଲିସ ଜମି ହଡ଼ପ ମାମଲାରେ ତିନିଜଣ ବ୍ୟକ୍ତି ଜମିକ୍ରେତା ଲବଣୀ ପୁଷ୍ଟିଙ୍କ ସ୍ୱାମୀ ମାଧବ ପୃଷ୍ଟି, ନକଲି ଜମି ବିକ୍ରେତା ସାଜିଥିବା ଉତ୍ତମ ନାଗ ଏବଂ ସାକ୍ଷୀ ଥିବା ଦେବରାଜ ନାଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଥିଲା। ତେବେ ଏହି ମାମଲାରେ ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ତତ୍କାଳୀନ ସବ୍‌ରେଜିଷ୍ଟ୍ରାର ପୁରୋହିତଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜମି ହଡ଼ପ ଘଟଣାକୁ ନେଇ ଅଭିଯୋଗକାରୀଙ୍କ ଅଭିଯୋଗ ମୁତାବକ ୯ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ପୋଲିସର ଗିରଫଦାରି ଆରମ୍ଭ ହେବା ପୂର୍ବରୁ ତହସିଲଦାର ବାଗ ଛୁଟି ନେଇଥିବା ଆଲୋଚନାର ବିଷୟ ହୋଇଛି। ଏ ନେଇ ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କୁ ପଚରାଯିବାରୁ ତହସିଲଦାର ବାଗ ତିନିଦିନିଆ ଛୁଟି ଦରଖାସ୍ତ ଦେଇ ଯାଇଥିବା କହିଛନ୍ତି। ତହସିଲଦାର ବାଗ ଗତ ୨୦୨୧ ଡିସେମ୍ବର ୧୧ ଛୁଟିଦିନରେ ତାଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରି ଧୁମାମରା ଗ୍ରାମର ମୃତବ୍ୟକ୍ତି ହର୍ଷ ଷାଣ୍ଢଙ୍କ ଜମିରୁ ୧.୪୯ ଏକର ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସଦର ଥାନାରେ ମାମଲା (୨୪୯/୨୨) ରୁଜୁ ହୋଇଥିଲା। ଗତ ୨୦୨୧ ମାର୍ଚ୍ଚ ୩ ତାରିଖରେ ବଲାଙ୍ଗୀରର ମାଧବ ପୃଷ୍ଟି, ଧୁମାମରାର ପ୍ରଦୀପ ଷାଣ୍ଢ, ଦେବରାଜ ରାଉତ, ନରେଶ ବେରିହା ମିଳିତ ଭାବେ ମୃତ ହର୍ଷ ଷାଣ୍ଢଙ୍କ ନାଁରେ ଅନ୍ୟ ଜଣେ ବ୍ୟକ୍ତି ଉତ୍ତମ ନାଗଙ୍କୁ ହର୍ଷ ଷାଣ୍ଢ ଦର୍ଶାଇ ଏବଂ ଜାଲ୍ ଆଧାରକାର୍ଡ, କାଗଜପତ୍ର ତିଆରି କରି ୫୦ ଡିସିମିଲ ଜମିର କିଣାବିକା ଲାଗି ସବ୍‌ରେଜିଷ୍ଟି ଅଫିସରେ ସେଲଡିଡ୍ କରାଇ ନେଇଥିଲେ। ଉକ୍ତ ସେଲ୍‌ଡିଡ୍‌ରେ ହର୍ଷ ଷାଣ୍ଢଙ୍କଠାରୁ ଲବଣୀ ପୃଷ୍ଟି ୫୦ ଡିସିମିଲ ଜମି କିଣିଥିବା ଉଲ୍ଲେଖ ରହିଥିଲା।

## ଦିନ ଦ୍ୱିପ୍ରହରରେ ଘରୁ ଲକ୍ଷାଧିକ ଟଙ୍କା ଚୋରି

ନୂଆପଡ଼ା ଅଫିସ,୫।୭

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ପଲସିପାଣି ପଞ୍ଚାୟତ କାଶିପଲା ଗାଁରେ ଦିନ ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। କାଶିପଲା ଗାଁର ପୁନିତ ରାମ ପଟେଲଙ୍କ ସପରିବାର ଘର ତାଲା ଦେଇ ସକାଳ ଚାଷ ପାଇଁ ଜମିକୁ ଯାଇଥିଲେ। ପୁନିତ ତାଙ୍କ ସ୍ତ୍ରୀ କଇମାଙ୍କୁ ଘରକୁ ବିହନ ଓ ପିଇବା ପାଣି ଆଣିବା ପାଇଁ ପଠାଇ ଥିଲେ। କଇମା ଘରକୁ ଆସି ଦେଖିବା ବେଳକୁ ଘର କବାଟ ଖୋଲା ଅଛି ଓ ତାଲା ଭଙ୍ଗା ଯାଇଥିଲା। ସାଙ୍ଗେ ସାଙ୍ଗେ ପଡୋଶୀଙ୍କୁ ଡାକିବା ସହିତ ଜମିରେ ଥିବା ପରିବାର ଲୋକଙ୍କୁ ଖବର କରିଥିଲେ। ଘରକୁ ପଶି ଦେଖିବାରୁ ଗଡ୍ରେଜ ଲକ ଭଙ୍ଗାଯାଇଥିଲା। ଗଡ୍ରେଜରୁ ନଗଦ ୧୫ ହଜାର ଟଙ୍କା ଓ ୫ଟି ସୁନା ଲକେଟ ନେଇଥିବା ଜଣାପଡିଥିଲା। ଏ ନେଇ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। କୋମନା ଥାନାରେ ଏକ ମାମଲା (ନଂ.୧୫୬/୨୨) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସହଦେବ ଜୋଷୀ ସୂଚନା ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଦିଅ



ଗରିବ ସେନା କର୍ମୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ନୂଆପଡ଼ା ଅଫିସ,୫।୭

- ଜିଲାର ୭୨ ହଜାର ଯୋଗ୍ୟ ହିତାଧିକାରୀ ବଞ୍ଚିତ
- ୨୭ ତାରିଖ ସୁଦ୍ଧା ଘୋଷଣା ନ କଲେ ଆନ୍ଦୋଳନ

ଖଟିଖିଆ, ଦିନ ମଜୁରିଆ ଶ୍ରେଣୀର ଲୋକଙ୍କୁ ପକ୍କା ଛାତ ଘର ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ପରିତାପର ବିଷୟ ଏହି ପ୍ରକୃତ ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବଡବଡିଆ, ଥିଲାବାଲା ଲୋକମାନେ ଏହି ଯୋଜନାରେ ସାମିଲ ହେଉଥିବା ବେଳେ ଖଟିଖିଆ, ଗରିବ ଶ୍ରେଣୀର ହିତାଧିକାରୀମାନଙ୍କ ପାଇଁ ଯୋଜନା ସାତସପନ ହୋଇଯାଇଛି। ନୂଆପଡା ଜିଲାରେ ପ୍ରତିଦିନ ଗରିବ ଲୋକ ବିନା ଛାତରେ ଝାଟିମାଟି ଘରେ ଖରାବର୍ଷା, ଶୀତରେ ଜୀବନ ଅତିବାହିତ କରୁଥିବା ଖବର ବିଭିନ୍ନ ଗଣମାଧ୍ୟମ ପ୍ରକାଶ ହେଉଛି। ଏହାକୁ ନେଇ ନୂଆପଡା ଜିଲା ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ମଙ୍ଗଳବାର ଶତାଧିକ ଗରିବ ସେନା କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଜିଲାର ୭୨ ହଜାର ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଚିହ୍ନଟ କରି ଆବାସ ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବା ପାଇଁ ଘୋଷଣା ନ କଲେ ୨୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗରିବ ସେନା କର୍ମୀମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗରିବ ସେନା ଆବାହକ ମଙ୍ଗରାଜଙ୍କ ସମେତ ହରିଶ ମାଝି, ବାଲେଶ୍ୱର ସାହୁ, ଦେବେନ୍ଦ୍ର ବାଗ, କୈଳାଶ ମେହେର, ସରୋଜ ସୁନା, କିଶୋର ସାଗର, ରଥୁରାମ ଦୀପ, ଦିଲୀପ ତାଣ୍ଡି, ଖୁସିରାମ ଜଗତ, ଗଦାଧର ମାଝି ସମେତ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

## କୁଲିଙ୍ଗାମାଲ ସେବାଶ୍ରମରେ ବନମହୋତ୍ସବ

ସିନାପାଲି/ବୋଡ଼େନ, ୫।୭(ଡି.ଏନ.ଏ.)

ନୂଆପଡା ଜିଲା ବୋଡ଼େନ ବ୍ଲକ କୁଲିଙ୍ଗାମାଲ ସେବାଶ୍ରମ ବିଦ୍ୟାଳୟରେ ୟୁଥ ଓ ଇକୋ କ୍ଲବ ଆନୁକୁଲ୍ୟରେ ବନମହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ମାଝି ତଥା ସାମାଜିକ କର୍ମୀ ସଚ୍ଚିଦାନନ୍ଦ ତାଣ୍ଡି, ବିଦ୍ୟାଳୟ ଶିକ୍ଷକ ରଥି ମେହେର, ତିଳରାମ ମାଝି, ଡିସମ୍ବର ମେହେର ତଥା ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ଚାରା ବିଦ୍ୟାଳୟ ମଧ୍ୟରେ ରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷର ମହତ୍ତ୍ୱ ତଥା ବନମହୋତ୍ସବ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ପରିବେଶ ପ୍ରଦୂଷିତ ହେବାର କାରଣ ତଥା ଜଙ୍ଗଲ କ୍ଷୟ ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ତତସଙ୍ଗେ ବର୍ଷାର ଅନିୟମିତତା ସମ୍ପର୍କରେ ଅବଗତ କରାଇ ପରିବେଶ ସୁରକ୍ଷା ତଥା ଜଙ୍ଗଲ ସୃଷ୍ଟି କରିବା ପାଇଁ ଉତ୍ସାହିତ କରିଥିଲେ।

## ବ୍ଲକ ଆଇନ ପରାମର୍ଶଦାତାଙ୍କ ଯୋଗଦାନ

ଜୁନାଗଡ,୫।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଇନ ସହାୟତା କେନ୍ଦ୍ରରେ ସ୍ଥାନୀୟ ୨ ବରିଷ୍ଠ ଆଇନଜୀବୀ ଆଇନ ପରାମର୍ଶ ଦାତା ଭାବେ ଯୋଗଦାନ କରିଛନ୍ତି। ଏଥିରେ ଜୁନାଗଡ଼ ବାରରୁ ବରିଷ୍ଠ ଆଇନଜୀବୀ ହିମାଂଶୁ ଶେଖର ବରାଡ ଓ ରମେଶ ଚନ୍ଦ୍ର ନାଏକ ଏହି ପଦବୀରେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ମଙ୍ଗଳ ବିଭାଗ ଓ ଓଡିଶା ଆଇନ ସେବା ପ୍ରାଧିକରଣ କେନ୍ଦ୍ର କଟକ ପକ୍ଷରୁ ମନୋନୀତ ହୋଇ ନିଯୁକ୍ତି ହୋଇଛନ୍ତି। ପଞ୍ଚାୟତ ଅଞ୍ଚଳର ଅନୁସୁଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ନିଶୁଳ୍କ ଆଇନ ସମ୍ବନ୍ଧରେ ପରାମର୍ଶ ଦେବା ପାଇଁ ଏହି ନିଯୁକ୍ତି ହୋଇଥାଏ। ଓଡିଶାର ପ୍ରତିଟି ବ୍ଲକରେ ଏହି ବ୍ୟବସ୍ଥା ରାଜ୍ୟ ସରକାର ୨୦୧୨ରୁ ଲାଗୁ କରିଛନ୍ତି। ଏହି ସମ୍ବନ୍ଧରେ ୨ ଆଇନଜୀବୀ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ନିଯୁକ୍ତି ପତ୍ର ଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ନୂତନ ଜିଲାପାଳଙ୍କ ଥୁଆମୂଳ ରାମପୁର ବ୍ଲକ ଗସ୍ତ

ଭବାନୀପାଟଣା,୫।୭(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ଦୁର୍ଗମ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ଥୁଆମୂଳ ରାମପୁର ବ୍ଲକକୁ ମଙ୍ଗଳବାର ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପ୍ରଥମ ଥର ଗସ୍ତ କରିଛନ୍ତି। ବ୍ଲକର ଅନେକ ଉନ୍ନୟନମୂଳକ କାର୍ଯ୍ୟଗୁଡି ଅନୁଧ୍ୟାନ କରିଥିଲେ। ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ଦିଗରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସେ ନିଜ ପକ୍ଷରୁ ବିକାଶ ପାଇଁ ପ୍ରୟାସ ଜାରି ରଖିବେ ବୋଲି କହିଥିଲେ। ସେହିପରି ସ୍ଥାନୀୟ ଲୋକଙ୍କ ଆପତ୍ତି ଅଭିଯୋଗ ମଧ୍ୟ ଶୁଣିଥିଲେ। ଜିଲାପାଳ ଡିଏମଏଫ କାର୍ଯ୍ୟର ୫ଟି ବିଦ୍ୟାଳୟ ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଜିଲାର ପଦାଧିକାରୀ ଓ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝି, ଏବିଡିଓ ଭରତ କୁମାର ମେହେରଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଉପସ୍ଥିତ ରହିଥିଲେ।



ଜିଲାପାଳ ଥୁ. ରାମପୁର ବ୍ଲକ ଗସ୍ତ କରି ଉନ୍ନୟନମୂଳକ କାମ ଅନୁଧ୍ୟାନ କରୁଛନ୍ତି।

# ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧନା



ଆଦିବାସୀ କଲ୍ୟାଣ ସଂଘ ଜିଲାପାଳଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି।

ନୂଆପଡ଼ା ଅଫିସ,୫।୭

ନୂଆପଡାସ୍ଥିତ ଘାସିରାମ ମାଝି ଧର୍ମଶାଳା ପରିସରରେ ଜିଲା ଆଦିବାସୀ କଲ୍ୟାଣ ସଂଘର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଦିବାସୀ କଲ୍ୟାଣ ସଂଘ ସଭାପତି ଖାମସିଂ ମାଝି ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ସଂଘ ଉପଦେଷ୍ଟା ଜୟରାମ ଶବର, ଜୟାନନ୍ଦ ମାଝି, ଯାଜ୍ଞସିନୀ ମାଝି, କାର୍ତ୍ତିକେଶ୍ୱର ମାଝି, ଭକ୍ତବନ୍ଧୁ ଧରୁଆ, ବାମନ ପ୍ରମୁଖ ମାଝି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସମ୍ପାଦକ ବାଳକୃଷ୍ଣ ଶବର ମଞ୍ଚାସୀନ ଥିଲେ। ଆଦିବାସୀ କଲ୍ୟାଣ ସଂଘ ପୂର୍ବତନ ସଭାପତି ଭାନୁପ୍ରତାପ ସିଂ ମାଝି ସଂଘ ବିରୋଧୀ କାର୍ଯ୍ୟ କରିଥିବାରୁ ସଂଘରୁ ବହିଷ୍କାର କରାଯାଇଥିଲା। ତାଙ୍କ ଅନୁରୋଧକ୍ରମେ ବହିଷ୍କାର ପ୍ରତ୍ୟାହାର କରି ସଂଘର ନୀତି ନିୟମ ଅନୁସାରେ ମଙ୍ଗଳବାର ମାଝିଙ୍କୁ ଗ୍ରହଣ କରାଯାଇଛି। ଶେଷରେ ଆଦିବାସୀ କଲ୍ୟାଣ ସଂଘ ନୂଆପଡା ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୁବୁଦ୍ଧି ଶବର, ସୁରେଶ ଶବର, ଗୋବିନ୍ଦ ମାଝି, ଲିଙ୍ଗରାଜ ମାଝି, ମହେନ୍ଦ୍ର ମାଝି, ପବିତ୍ର କୁମାର ମାଝି, ତିର୍ଥରାମ ମାଝି, ପବନ ମାଝି, ଉଦ୍ଧବ ମାଝି ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ଖବରଦାତା ଅର୍ଦ୍ଧେନ୍ଦୁଙ୍କ ଗିରଫକୁ ବିରୋଧ

ଭବାନୀପାଟଣା,୫।୭(ସ୍ୱପ୍ର)

ବରିଷ୍ଠ ଖବରଦାତା ତଥା ଏକ ଘରୋଇ ଚାନେଲର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଗିରଫକୁ କଳାହାଣ୍ଡିର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭବାନୀପାଟଣାରେ ଖବରଦାତା ଓ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ପ୍ରତିବାଦ ସଭା ଓ ଶୋଭାଯାତ୍ରା କରାଯାଇଛି। ଖବରଦାତା ଅର୍ଦ୍ଧେନ୍ଦୁଙ୍କ ଗିରଫଦାରୀକୁ ନେଇ ଦୃଢ଼ ନିନ୍ଦା କରାଯାଇଛି। ପ୍ରତିବାଦରେ କଳାହାଣ୍ଡି ଜିଲାର ଖବରଦାତା ସମୂହ, ଓକିଲ ସଂଘ, ଭାଜପା, ସିପିଆଇ ଓ ବିଭିନ୍ନ ସଙ୍ଗଠନ ସାମିଲ ହୋଇଥିଲେ। ଆରମ୍ଭରେ ଅମଲା ଭବନଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ସିନାପାଲି,୫।୭(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଶିକ୍ଷା ଅଧୀନରେ କନିଷ୍ଠ ଓ ବରିଷ୍ଠବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଉ.ପ୍ରା.ବିଦ୍ୟାଳୟ ଗୋଡାନରେ କନିଷ୍ଠ ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ସିନାପାଲିଠାରେ ବରିଷ୍ଠ ବିଭାଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ଚୈତନ୍ୟ ହୋତା ଓ ସମ୍ମାନିତ ଅତିଥି ଏବିଇଓ ରୁଦ୍ରେଶ୍ୱର ମେହେର ଯୋଗଦେଇଥିଲେ। ଉଭୟ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରବନ୍ଧରେ ଖ୍ୱୟୋତିକା ଗହିର ଓ ଶିଖା ମେହେର, ବକ୍ତୃତାରେ ନବିନ ନାଏକ ଓ ଗୀତା ମେହେର, କବିତା ଆବୃତ୍ତିରେ ପ୍ରବିଣ ନାଏକ ଓ ଝରଣା କୈବର୍ତ୍ତ ଏବଂ ସାଧାରଣ ଜ୍ଞାନରେ ଭାରତୀ ପଟେଲ ଓ କୌଶଲ୍ୟା ମେହେର ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କନିଷ୍ଠ ବିଭାଗର ବିଚାରକ ଭାବେ ବୈଷ୍ଣବ ମେହେର, ଗୌତମ ମେହେର, ଅତୁଳ ପାତ୍ର ଓ ପ୍ରେମାନନ୍ଦ ମେହେର ଏବଂ ବରିଷ୍ଠ ବିଭାଗର ବିଚାରକ ଭାବେ ଅନିଲ କୁମାର ସା, କମଳଜୀତ ବୈକାର, ଦୈତାରୀ ମେହେର, ରଶ୍ମୀ ମେହେର, ରାଜେନ୍ଦ୍ର ଖମାରୀ, ନୀହାର ରଞ୍ଜନ ଖମାରୀ, ମହେଶ ମେହେର, ପ୍ରଭାରୂପା ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅରୁଣ କୁମାର ଯୋଷୀ, ଜ୍ଞାନରଞ୍ଜନ ସୁନାନୀ, ପ୍ରଦୀପ୍ତ ଯୋଷୀ, ବିଭୁତି ମେହେର ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

# ତେଲଙ୍ଗାନାରେ ବନ୍ଧା ପଡ଼ିଛନ୍ତି ଦାଦନ ଶ୍ରମିକ

ଭବାନୀପାଟଣା/କୋକସରା, ୫।୭(ସ୍ୱ.ପ୍ର./ଡି.ଏନ.ଏ.)

- ଉଦ୍ଧାର ପାଇଁ ଭିଡିଓ ଜାରି କରି ନିବେଦନ
- କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଜିଲାର ୨୦ ଦାଦନ

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଥମୁନି ଦାଦନ ଦୁଃଖ। ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଯାଇଥିବା ବ୍ଲକର ୬ଜଣ ଶ୍ରମିକଙ୍କ ଗତ କିଛି ମାସ ମଧ୍ୟରେ ମୃତ୍ୟୁ ହୋଇଥିବା ବେଳେ ତେଲଙ୍ଗାନାରେ ବନ୍ଧାପଡି ନିର୍ଯାତନା ହେଉଥିବା ଏକ ଭିଡିଓ ଏବେ ପୁଣି ସାମ୍ନାକୁ ଆସିଛି। ସୂଚନା ଅନୁସାରେ, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର ଜିଲାର ପ୍ରାୟ ୧୪ଟି ପରିବାରର ୨୦ଜଣ ଦାଦନ ଶ୍ରମିକ ଠିକାଦାରଙ୍କ ନିର୍ଯାତନାର ଶିକାର ହେଉଥିବା ଜଣାପଡିଛି। ଏହି ୨୦ଜଣ ଦାଦନ ଶ୍ରମିକଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ୨ଜଣ ଥିବା ଜଣାପଡିଛି। ସେମାନେ ହେଲେ ଧର୍ମଗଡ ବ୍ଲକ ଛଞ୍ଚାଣବାହିଲି ପଞ୍ଚାୟତ ବେହେରାଗୁଡା ଗ୍ରାମର ସୁରେନ୍ଦ୍ର ନାଏକ ଓ କୋକସରା ବ୍ଲକର ଅନାଥ ପରାଭୋଇ ବୋଲି ଜଣାପଡିଛି। ଏହି ଶ୍ରମିକମାନଙ୍କୁ ଗତ ୭ ମାସ ତଳେ ବଲାଙ୍ଗୀର ଜିଲାର ବେଣୁ ଦାସ ଦାଦନ ଦଲାଲ ଶ୍ରମିକମାନଙ୍କୁ ପ୍ରଲୋଭନ ଦେଖାଇ ଅଗ୍ରିମ କିଛି ଟଙ୍କା ଦେଇ ତେଲଙ୍ଗାନା ରାଜ୍ୟ ରଙ୍ଗାରେଡି ଜିଲା କବାଡିପଲ୍ଲି ଗାଁର ଏକ ଇଟାଭାଟି ଠିକାଦାରଙ୍କ ପାଖରେ ବନ୍ଧା ପକାଇ ଚାଲି ଆସିଥିଲେ। ଠିକାଦାର ଜଣକ ଦାଦନଙ୍କୁ ଦିନରାତି ଖଟାଇ ନିର୍ଯାତନା ଦେଉଥିବା ଜଣାପଡିଛି। ଏପରିକି ପାରିଶ୍ରମିକ ଟଙ୍କା ମାଗିଲେ ମାର୍‌ପିଟ କରିବା ସହ ଘରକୁ ଫେରିବାକୁ ଦେଉନାହାନ୍ତି। ଅନ୍ୟପଟେ ନିର୍ଯାତିତ ହୋଇ ଶ୍ରମିକମାନେ ନ ଖାଇ ନ ପିଇ ବିକଳ ଅବସ୍ଥାରେ ରହିଥିବା ବେଳେ ଉଦ୍ଧାର ପାଇଁ ଦାଦନ ଏକ ଭିଡିଓ ଜାରି କରିଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଏ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ଦାଦନଙ୍କୁ ଉଦ୍ଧାର ପାଇଁ ଦାବି ହେଉଛି।



ଦାଦନ ଶ୍ରମିକମାନେ ଭିଡିଓରେ ଉଦ୍ଧାର ପାଇଁ ନିବେଦନ କରୁଛନ୍ତି।

## ନିଶା କାରବାର, ଅଭିଯୁକ୍ତ ଗିରଫ

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଥାନା ଜଗଦଲପୁର ରାସ୍ତା ଜଟିଆବନ୍ଧ ନିକଟରେ ମଙ୍ଗଳବାର ନିଶା କାରବାର ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଛି। ଚଢ଼ାଉ ବେଳେ ଦୁଇଟି ଜାରକିନରେ ୪୦ଲିଟର କଫ୍ ସିରପ୍ ମିଶ୍ରଣ, ୧୬ ବୋତଲ କଫ ସିରପ୍, ୨ଷ୍ଟ୍ରିପ୍ ନିଶା ବଟିକା, ନଗଦ ୭୩୨୦ଟଙ୍କା, ଗୋଟିଏ ମୋବାଇଲ, ବାଇକ(ନଂ.ଓଡି୧୭ୟୁ/୭୪୯୩)କୁ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ପଦ୍ମପୁର ବିଜୟ ନଗରର ଲୋକେଶ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

ଅମରପାଲି/ଉଲୁଣ୍ଡା,୫।୭(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପାତାଳୀ ଶ୍ରୀକ୍ଷେତ୍ରକୁ ମଙ୍ଗଳବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ସୁରେଶ ଚନ୍ଦ୍ର ଦଳେଇ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ଜିଲାପାଳ ଅବୋଲୀ ସୁନୀଲ ନରୱଣେ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ସହ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଅସମ୍ପୂର୍ଣ୍ଣ କାମଗୁଡିକୁ ଯଥାଶୀଘ୍ର ଶେଷ କରିବାକୁ ଆରଡିସି ଦଳେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଘାଟିରାସ୍ତା, ମନ୍ଦିର ନିର୍ମାଣ, ଯାନବାହନ ପାର୍କିଂସ୍ଥଳ, ଓଟିଡିସି ପକ୍ଷରୁ ଆରମ୍ଭ କରାଯାଉଥିବା କାମ ସବୁର ଅଗ୍ରଗତି ସମ୍ପର୍କରେ ବିଶେଷ ଗୁରୁତ୍ୱ ଦେଇଥିଲେ। ସମୀକ୍ଷା ବୈଠକରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



ପାତାଳି ଶ୍ରୀକ୍ଷେତ୍ରରେ ଆରଡିସି, ଜିଲାପାଳ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରୁଛନ୍ତି।

### ବନ ମହୋତ୍ସବ: ଚାରା ରୋପଣ

ବିନିକା,୫।୭(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଏବଂ ସିଦ୍ଧାର୍ଥ ଜୁନିୟର କଲେଜ ପରିସରରେ ଜାତୀୟ ସେବା ଯୋଜନା ଏବଂ ରେଡକ୍ରସ ଆନୁକୂଲ୍ୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଅତିରିକ୍ତ ବନପାଳ ପ୍ରଫୁଲ୍ଲ ଧରୁଆ, ସମ୍ମାନୀତ ଅତିଥି ବିନିକା ରେଞ୍ଜର ଡମ୍ବରୁଧର ପଧାନ ଯୋଗଦେଇଥିଲେ। ଡିଗ୍ରୀ କଲେଜ ଅଧକ୍ଷ ଡ. ଧିରେନ୍ଦ୍ର କୁମାର ନାୟକ, ଜୁନିୟର କଲେଜ ଅଧକ୍ଷା ରେଖା ପଧାନ, ପ୍ରୋଗ୍ରାମ ଅଫିସର ହରିଶ୍ଚନ୍ଦ୍ର ହୋତା, ଅଧାପକ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପରିସରରେ ବିଭିନ୍ନ ପ୍ରଜାତିର ଚାରା ଲଗାଯାଇଥିଲା। ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରଧାନଶିକ୍ଷକ ପ୍ରେମରାଜ ପତିଙ୍କ ଅଧକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଥିଲା। ସିଂଘିଯୁବା ବନ ସୁରକ୍ଷା ସମିତି ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନ ସୁରକ୍ଷାସମିତି ସଭାପତି ଭଗବାନ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅତିଥିଭାବେ ଯୋଗଦେଇଥିଲେ। ପ୍ରଶାନ୍ତ ନାଏକଙ୍କ ସମେତ ସମିତିର ସଭ୍ୟାସଭ୍ୟ, ୱାର୍ଡସଭ୍ୟ ସୁବାଷ ସାହୁ ଯୋଗ ଦେଇଥିଲେ।



ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିସରରେ ଚାରାରୋପଣ କରାଯାଉଛି।



ସୋନପୁର ଗୁଣ୍ଡିଚା ମନ୍ଦିରରେ ମଙ୍ଗଳବାର ତିନି ଠାକୁରଙ୍କ ରାମ ଲକ୍ଷ୍ମଣ ବେଶ।



ବୃନ୍ଦାବନ ବିହାରୀ ମନ୍ଦିରରେ ଜଗନ୍ନାଥ ରାମ ବେଶରେ ଦର୍ଶନ ଦେଉଛନ୍ତି।

# ମଦ ଦୋକାନକୁ ବିରୋଧ, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୫।୭

- ତଦନ୍ତ ରିପୋର୍ଟରେ ଭୁଲ ତଥ୍ୟ ଅଭିଯୋଗ
- ଅବକାରୀ କର୍ମଚାରୀଙ୍କ ଭୂମିକାକୁ ସନ୍ଦେହ
- କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲି କ୍ୟାମ୍ପରେ ଏକ ରେଷ୍ଟୁରାଣ୍ଟରେ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଅବକାରୀ ବିଭାଗର କିଛି କର୍ମଚାରୀ ଚଞ୍ଚକତା କରି ବେଆଇନ ଭାବେ ସେହି ଖୋଲା ବିଦେଶୀ ମଦ ଦୋକାନ ପାଇଁ ଲାଇସେନ୍ସ ଦେଇଛନ୍ତି ଏବଂ ପ୍ରତିବାଦ କଲେ ସମ୍ପୃକ୍ତ କର୍ମଚାରୀ ଧମକଚମକ ଦେଉଛନ୍ତି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସ୍ଥାନୀୟ ଲୋକେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହିତ ଲାଇସେନ୍ସ ରଦ୍ଦ କରିବାକୁ ଦାବି କରିଛନ୍ତି ।

ପ୍ରକାଶ ଯେ, ଜଣେ ବ୍ୟବସାୟୀ ଅତାବିରା ଏନଏସିର ବିଭିନ୍ନ ସ୍ଥାନରେ ଖୋଲା ବିଦେଶୀ ଦୋକାନ ଖୋଲିବାରେ ବିଫଳ ହେବା ପରେ କିଛି ଅବକାରୀ କର୍ମଚାରୀ ଏବଂ ନେତାଙ୍କୁ ହାତ କରି ରେଙ୍ଗାଲିକ୍ୟାମ୍ପ ଛକରେ ତାହା ଖୋଲିବା ପାଇଁ ଲାଇସେନ୍ସ ପାଇଛନ୍ତି। ଏପରିକି ଲାଇସେନ୍ସ ପ୍ରଦାନ ପୂର୍ବରୁ ଜିଲାପାଳ ତଥା ଅବକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ନଥିପତ୍ରରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ବରଗଡ଼ ଏବଂ ଅତାବିରା ମଧ୍ୟରେ ରେଙ୍ଗାଲିକ୍ୟାମ୍ପ ଛକ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ । ସେହି ସ୍ଥାନରେ ଜନବସତି, ଶିକ୍ଷାନୁଷ୍ଠାନ ଏବଂ ପରିବା ବଜାର ଆଦି ରହିଛି। କିନ୍ତୁ ଲାଇସେନ୍ସ ପ୍ରଦାନ ପୂର୍ବରୁ ତଦନ୍ତ କରିଥିବା ସମ୍ପୃକ୍ତ କର୍ମଚାରୀ ସେ ନେଇ ମିଥ୍ୟା ରିପୋର୍ଟ ଦେଇଥିବା, ଟିପ ଚିହ୍ନ, ଦସ୍ତଖତ ଜାଲିଆତି କରିଥିବା ଭଳି ଗୁରୁତର ଅଭିଯୋଗ ହୋଇଛି।

ସେହିପରି ଅତାବିରାର ଏକ ଜାଗାରେ ସମ୍ପୃକ୍ତ ରେଷ୍ଟୁରାଣ୍ଟର ଏକ ଖୋଲା ବିଦେଶୀ ମଦ ଦୋକାନ ଚାଲିଥିବା ଅବକାରୀ କର୍ତ୍ତୃପକ୍ଷ ସୂଚନା ଦେଇଥିବାବେଳେ ସମ୍ପୃକ୍ତ ସ୍ଥାନରେ ସେଭଳି ଦୋକାନ ନ ଥିବା ସମ୍ପୃକ୍ତ ଜାଗା ମାଲିକ ପ୍ରକାଶ କରିଛନ୍ତି। ତେବେ ଖୋଲା ମଦ ଦୋକାନ ଚାଲୁ ନ ଥିବାବେଳେ ସେହି ଦୋକାନ ନାମରେ ଉଠାଯାଉଥିବା ବିଦେଶୀ ମଦ କେଉଁଠି ବିକ୍ରି ହେଉଛି, ତାହା ତଦନ୍ତସାପେକ୍ଷ ବୋଲି ଅଞ୍ଚଳବାସୀ କହିଛନ୍ତି। ପରମେଶ୍ୱର ପଟେଲ, ରାକେଶ ପଟେଲ, ହିମାଦ୍ରୀ ମିଶ୍ର, ପପୁ ଖାଁ, ଅବିନାଶ ପ୍ରଧାନ, ସତ୍ୟବାନ ବେହେରା, ଜିତୁ ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ବିଦେଶୀ ମଦ ଦୋକାନ ବିରୋଧରେ ଫେରାଦ ହୋଇଥିବା ଗ୍ରାମବାସୀ।

## ହେରା ପଞ୍ଚମୀ: ଲକ୍ଷ୍ମୀ ଭାଙ୍ଗିଲେ ରଥ

ପାଇକମାଳ,୫।୭(ଡି.ଏନ.ଏ)

ପାଇକମାଳର ନୃସିଂହନାଥ ମନ୍ଦିରରୁ ମହାଲକ୍ଷ୍ମୀ ତାଙ୍କ ରଥରେ ବାହାରି ମାଉସୀମା ମନ୍ଦିର ନିକଟକୁ ମଙ୍ଗଳବାର ଅପରାହ୍ନରେ ପହଞ୍ଚିଥିଲେ। ସେଠାରେ ମାଉସୀମା ଘର ସମୁଖରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ରାଗରେ ଭାଙ୍ଗିଥିଲେ। ଦ୍ୱିତିୟା ଦିନ ମହାପ୍ରଭୁ ଜଗନ୍ନାଥ ତାଙ୍କ ବଡ ଭାଇ ଭଉଣୀଙ୍କୁ ଧରି ମହାଲକ୍ଷ୍ମୀଙ୍କୁ ଛାଡି ଦେଇ ମାଉସୀ ଘରକୁ ଆସିଥିଲେ । ୫ ଦିନ ହେବ ମହାପ୍ରଭୁ ଜଗନ୍ନାଥ ଘରକୁ ନ ଫେରିବାରୁ ରାଗରେ ମହାଲକ୍ଷ୍ମୀ ମାଉସୀ ଘରକୁ ଯାଇ ରଥ ଭାଙ୍ଗିସାରିବା ପରେ ନିଜ ମନ୍ଦିରକୁ ଫେରି ଆସିଥିଲେ। ଫେରିବା ସମୟରେ ପାଇକମାଳ, ନରସିଂହପଡା, ଜର୍ଜଗଡ, ଦଣ୍ଡପାଟ, ଦୁର୍ଗାପାଲିଠାରେ ମା' ଭଉଣୀମାନେ ନିଜ ନିଜ ଘର ସମ୍ମୁଖରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଳ,୫।୭(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଲେରଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ରଥଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍କୁଲ କମିଟି ଅଧ୍ୟକ୍ଷ ହିରାଲାଲ ରାଉତଙ୍କ ସଭାପତିତ୍ୱରେ ବିଇଓ ଚୂଡାମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ରଥଙ୍କୁ ୩୭ବର୍ଷ ଶିକ୍ଷକତା ଜୀବନ ବିଷୟରେ ଆଲୋଚନା କରିଥିଲେ। ପରେ ରଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କମିଟିର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଏବଂ ଛାତ୍ରୀଛାତ୍ରୀଉପସ୍ଥିତ ଥିଲେ। ପରେ ଗ୍ରାମବାସୀ ପ୍ରଧାନଶିକ୍ଷକ ରଥଙ୍କୁ ଗ୍ରାମ ପରିକ୍ରମା କରାଇ ବିଦାୟ ଦେଇଥିଲେ।

## ଅଞ୍ଚଳ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ପଦ୍ମପୁର,୫।୭(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅନ୍ତିମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଲଳିତ ମୋହନ ପଣ୍ଡା ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ତୁଷାରକାନ୍ତ ସାହୁ ସ୍ୱାଗତ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧାପକ ଡ. ଭେଙ୍କଟେଶ୍ୱର ମେହେର, ଅଧାପିକା ସସ୍ମିତା ମେହେର ବିଶ୍ୱ ବିଦ୍ୟାଳୟରେ ଉଚ୍ଚ ଶିକ୍ଷାର ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ 'ଲାଇଫ ସ୍କିଲ ଆଣ୍ଡ ଡେଭଲପମେଣ୍ଟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସେମିଷ୍ଟର ଛାତ୍ରୀ ଦିପ୍ତୀମୟୀ ଗୁରୁ ଓ ରଶ୍ମିରଣା ଆଲୋଚନାଚକ୍ର ସଂଯୋଜନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପଣ୍ଡା ଆଲୋଚନାଚକ୍ର ସମ୍ପର୍କରେ ତଥ୍ୟ ଭିତ୍ତିକ ମନ୍ତବ୍ୟ ରଖିଥିଲେ।

# ୭ ପାକ୍ସର ସଭାପତି ନିର୍ବାଚନ ଆଜି

ସୋନପୁର,୫।୭(ନି.ପ୍ର.)

**ଉଲୁଣ୍ଡା ପାକ୍ସର ୭ ସଭାପତି ନିର୍ଦ୍ୱନ୍ଦ୍ୱ**

ସୁବର୍ଣ୍ଣପୁର ଜିଲାର ୭ ପାକ୍ସର ସଭାପତି ପଦବୀ ପାଇଁ ମଙ୍ଗଳବାର ନିର୍ବାଚନ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୋନପୁର ବ୍ଲକର ଲଛିପୁର, ତରଭା ବ୍ଲକର ମେଣ୍ଡା ଓ ଦୁବୁଲା ଏବଂ ଉଲୁଣ୍ଡା ବ୍ଲକର ଉଲୁଣ୍ଡା, ଚଢେଇପଙ୍କ, ରକ୍ସା ଓ ପଞ୍ଚମହଲା ପାକ୍ସର ସଭାପତି ପଦବୀ ପାଇଁ ନିର୍ବାଚନ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସୋନପୁର ବ୍ଲକର ଲଛିପୁର ପାକ୍ସରେ ସଭାପତି ପଦବୀ ପାଇଁ ରଞ୍ଜିତ କୁମାର ସା ଓ ସଞ୍ଜିବ୍ କୁମାର ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ତରଭା ବ୍ଲକର ମେଣ୍ଡା ପାକ୍ସରେ ବନବାସ ମେହେର ଓ ଆନନ୍ଦ କିଶୋର ପୂଜାହାରୀ ଏବଂ ଦୁବୁଲା ପାକ୍ସରେ ବିଶେଶ୍ୱର ସାହୁ ଓ ସୁଦାମ ସାହୁ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଲୁଣ୍ଡା ପାକ୍ସରେ ଦେବବ୍ରତ ଦେହୁରୀ ଓ କ୍ଷୀରସିନ୍ଧୁ ଭୋଇ, ଚଢେଇପଙ୍କରେ ରଶ୍ମିବାଳା ଦେହୁରୀ ଓ ଡିଙ୍ଗର ପର୍ଡିଆ, ରକ୍ସାରେ ପ୍ରେମରାଜ ଭୋଇ ଓ ସବିତା ମିଶ୍ର ଏବଂ ପଞ୍ଚମହଲା ପାକ୍ସରେ ନରେନ୍ଦ୍ର ଆଚାର୍ଯ୍ୟ ଓ ପ୍ରଫୁଲ୍ଲ ଥନାପତି ସଭାପତି ପଦ ପାଇଁ ମଇଦାନରେ ଅଛନ୍ତି। ଉଲୁଣ୍ଡା ବ୍ଲକ ବିଶିପଡା ପାକ୍ସର ସଭାପତିଭାବେ ଝରିଆ କ୍ଷେତି, ଏସ୍.ପତ୍ରାପାଲିର ସନାତନ ମହାଲିଙ୍ଗ, କୋଟସମଲାଇର ଅଜିତ କୁମାର ଗାଇଗରିଆ, କଳାପଥରର ବେଣୁଧର ମହାକୁର, ଯାଲୋଏର ଉମେଶ ପଧାନ, ନିମ୍ନାର ରମେଶ ମେହେର ଓ ମହଦା ପାକ୍ସର ସଭାପତିଭାବେ ଆଶିଷ କୁମାର ବଡପଣ୍ଡା ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲାରେ ସମବାୟ ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ଜୁନ୍ ୧୯ ଓ ୨୬ରେ ନିର୍ଦ୍ଦେଶକ ପଦବି ପାଇଁ ନିର୍ବାଚନ ହୋଇଥିଲା। ଜୁନ୍ ୧୯ ତାରିଖରେ ସୋନପୁର, ତରଭା ଓ ଉଲୁଣ୍ଡା ବ୍ଲକର ୩୩ଟି ପାକ୍ସ(ପ୍ରାଥମିକ କୃଷି ସମବାୟ ସମିତି), ଗୋଟିଏ ଗୃହ ନିର୍ମାଣ ସମବାୟ ସମିତି, ଗୋଟିଏ କର୍ମଚାରୀ ସମବାୟ ସମିତି, ୧୬ଟି ବୁଣାକାର ସମବାୟ ସମିତି ଓ ୧୭ଟି ଦୁଗ୍ଧ ସମବାୟ ସମିତିରେ ନିର୍ବାଚନ ହୋଇଥିଲା। ପ୍ରତି ସମବାୟ ସମିତିରୁ ୧୫ ଜଣ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଅଧିକାଂଶ ପାକ୍ସର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଜିଲାର ମୋଟ ୬୬ଟି ପାକ୍ସ, ୬୩ଟି ପ୍ରାଥମିକ ବୁଣାକାର ସହଯୋଗ ସମବାୟ ସମିତି(ଡବ୍ଲ୍ୟୁସିଏସ), ୨ଟି ହାଉସ ବିଲ୍ଡିଂ ସୋସାଇଟି, ୨ଟି ରେଶମ ସମବାୟ ସମିତି, ୨ଟି କର୍ମଚାରୀ ସମବାୟ ସମିତି, ୩୪ଟି ଦୁଗ୍ଧ ସମବାୟ ସମିତି, ୪ଟି ମଲ୍ଟି ପରପଜ ସମବାୟ ସମିତି ଓ ୬ଟି ଶିଳ୍ପ ସମବାୟ ସମିତିରେ ଚଳିତ ଥର ନିର୍ବାଚନ ହେଉଛି।

## ଆଶ୍ରମ ସ୍କୁଲରେ ବନମହୋତ୍ସବ




କୁଞ୍ଜାପାଲି ଆଶ୍ରମ ସ୍କୁଲ ପରିସରରେ ଚାରାରୋପଣ କରାଯାଉଛି।

ଅମରପାଲି, ୫।୭(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଟେଲା ପଞ୍ଚାୟତ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଜନଟେଲା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର ମୁଖ୍ୟ ଅତିଥି, ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ପଧାନ, ସ୍ୱେଚ୍ଛାସେବୀ ବୃନ୍ଦାବନ ଜଗଦଲା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ମାନସ କଲେତ ଅତିଥି ପରିଚୟ, ଗିରିଧାରୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ମାନେ ଚାରାରୋପଣର ଆବଶ୍ୟକତା ଉପରେ ମତ ରଖିଥିଲେ। ସଭାପରେ ସ୍କୁଲ ପରିସର ଓ ପଡିଆରେ ଶତାଧିକ ଅମୃତଭଣ୍ଡା, ସଜନା, ଜାମୁ, ଆମ୍ବ, ବାଉଁଶ ଆଦି ଚାରା ରୋପଣ କରାଯାଇ ଥିଲା। ଶେଷରେ ରଞ୍ଜିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ପୁନର୍ବାର ଖୋଲିବାକୁ ଦାବି କଲେ ମହିଳା ସଂଘ

ବୌଦ୍ଧ,୫।୭(ସ୍ୱ.ପ୍ର.)

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅଧୀନ କୁସୁମଝୁଲି ଗ୍ରାମରୁ ଅନ୍ୟତ୍ର ଉଠିଯାଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ସ୍ଥାପନ ପାଇଁ ମଙ୍ଗଳବାର ଗ୍ରାମର ମହିଳା ସଂଘ ପକ୍ଷରୁ ଜିଲାପାଳଙ୍କ ପାଖରେ ଦାବି କରାଯାଇଛି। ପଦ୍ମନପୁର ଗ୍ରାମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିଆସୁଥିଲା। କିନ୍ତୁ ପିଲା ନ ହେବାରୁ ସରକାର ଉକ୍ତ ବିଦ୍ୟାଳୟକୁ ଉଠାଇ ଦେଇଥିଲେ। ଫଳରେ ଗ୍ରାମର ପିଲାମାନେ ପାଠ ପଢିବାକୁ ଅନ୍ୟତ୍ର ଯାଉଥିଲେ। ବର୍ତ୍ତମାନ ପାଠ ପଢିବା ପାଇଁ ଅଧିକ ପିଲା ଥିବାରୁ ପୁନର୍ବାର ଗ୍ରାମରେ ବିଦ୍ୟାଳୟ ଖୋଲିବା ଦାବି ନେଇ ସଂଘର ମହିଳାମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ବିଦ୍ୟାଳୟ ସ୍ଥାପନ ହେଲେ ଗାଁର ପିଲାମାନେ ଠିକ୍ ଭାବେ ପାଠ ପଢିପାରିବେ ବୋଲି ମହିଳାମାନେ ଦାବିପତ୍ରରେ ଦର୍ଶାଇଛନ୍ତି। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଗ୍ରାମରେ ଥିବା ବିଦ୍ୟାଳୟକୁ ମିଶନ ଶକ୍ତି ଗୃହ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜାଣିବାକୁ ପାଇ ମହିଳାମାନେ ଏହାକୁ ବିରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ପ୍ରଗତି ମହିଳା ସଂଘର ଆରତୀ ଆଡଜୁଆଲି, ରେଣୁକା ବିଶି, ପ୍ରମିଳା ନାଗଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ।

# ଦେଶସେବାରେ ସମର୍ପିତ ହୁଅ

ତରଭା, ୫।୭(ଡି.ଏନ.ଏ.)

**ତରଭା ଏଇଏସ କଲେଜର ବାର୍ଷିକ ଉତ୍ସବ**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜର ବାର୍ଷିକ ଉତ୍ସବ ଅଧ୍ୟକ୍ଷା ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ, ସମ୍ମାନିତ ଅତିଥି ଏସ୍‌ପି ଅମରେଶ ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର, ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ, ଶାନ୍ତନୁ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ଅଭିଷେକ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ଼ ସବିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ଦେଶ ମାତୃକାର ସେବାରେ ସମର୍ପିତ ହେବା ପାଇଁ ପରାମର୍ଶ ଦେଇଥିଲେ। ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ ଓ ହାସ୍ୟ କବି ସାନ୍ତନୁ ପାଣିଗ୍ରାହୀ ହାସ୍ୟ କବିତା ପରିବେଷଣ କରି ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। ଏହି ଅବସରରେ କଲେଜ ନିର୍ମାଣ ପାଇଁ ଜମି ଦାନ କରିଥିବା ବୃକୋଦର ମେହେର, ବିପିନ ବିହାରୀ ମିଶ୍ର ଓ ଯୁଗଳ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ପରାମର୍ଶଦାତା ଅଧ୍ୟାପକ ବିଶ୍ୱପତି ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲାପାଳ ଅବୋଲି ସୁନିଲ ନରୱଣେ ଅଭିଭାଷଣ ରଖୁଛନ୍ତି।

